
ଅଗଷ୍ଟ
୨୦୧୦
ସଂସ୍କରଣ
ଆହ୍ୱାନ
ସଂପୂର୍ଣ୍ଣ ଓଡିଆ ମାସିକ ସାହିତ୍ୟିକ ଇ-ପତ୍ରିକା
ନ୍ୟାସା ନବୋଦିତା

# ଆହ୍ୱାନ

## (The Aahwaan)

ଓଡିଶାର ପ୍ରଥମ ସଂପୂର୍ଣ୍ଣ ଓଡିଆ ସାହିତ୍ୟିକ ଇ-ପତ୍ରିକା

ପ୍ରକାଶକ

**ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ**

MBBS, PGDMCH, PGDHM

ବୀମା ନଗର, ବ୍ରହ୍ମପୁର, ଓଡିଶା



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ପବିତ୍ର ସ୍ୱାଧୀନତା ଦିବସର ଏହି ପୁଣ୍ୟ ଅବସରରେ ଦେଶମାତୃକାର
ସେବାରେ ନିହତ ଅସଂଖ୍ୟ ସ୍ୱାଧୀନତା ସେନାନୀ ଓ ଭାରତୀୟ
ସେନାବାହିନୀ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

## ପ୍ରଚ୍ଛଦ ଚିତ୍ର

ଚଳିତ ସଂସ୍କରଣ ପାଇଁ ବିଶେଷ କାର୍ଯ୍ୟ କରିବାପାଇଁ ସମୟ ଅଭାବରୁ ଏକ ସାଧାରଣ ପ୍ରଚ୍ଛଦ କରିବାପାଇଁ ବାଧ୍ୟ ହେଲି । ଅବଶ୍ୟ ଏଥିରେ ଦେଖାଯାଉଥିବା ଫୁଲର ଆଭା ପରି ଆହ୍ୱାନର ଆଭା ଚତୁର୍ଦ୍ଦିଗ ବ୍ୟାପୀଯାଉ ଏହା କାମନା କରିଛନ୍ତି ଫେସବୁକ୍‌ରେ ମୋର ମିତ୍ର ଜତୀନ୍ ।

ଏହି ଚିତ୍ର ମୋ ଘର ବାଡିରେ ହୋଇଥିବା ଫୁଲର । ଫୁଲର ନାଁ ଯଦିଓ ମୋତେ ଜଣାନାହିଁ, ତେବେ ବି ଏହି ପ୍ରକାରର ଅସଂଖ୍ୟ ଫୁଲରେ ବାଡିବଗିଚାକୁ ହସାଇବା ସହିତ ମୋ ଜୀବନକୁ ସରସ କରୁଥିବା ମୋ ସହଧର୍ମିଣୀ ପ୍ରୀତି ପ୍ରିୟଦର୍ଶିନୀ ନିଶ୍ଚୟ ଧନ୍ୟବାଦର ପାତ୍ରୀ । ଏହି ଫଟୋ ସେ ନିଜେ ନେଇଛନ୍ତି । ବର୍ଷସାରା ବଗିଚାକୁ ଉନ୍ନତତର କରିବା ପାଇଁ ଚେଷ୍ଟାରତ ତାଙ୍କର ଅଧ୍ୟବସାୟ ବଳରେ ସେ ଆମ ଘର ବାଡି ବଗିଚାକୁ ପ୍ରଶଂସନୀୟ କରି ତୋଳିଛନ୍ତି ।

ଶେଷରେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ପ୍ରଣାମ ଜଣାଇ ଆପଣଙ୍କୁ ଭେଟି ଦେଉଛି ଆହ୍ୱାନର ଏହି ସଂସ୍କରଣ ।

ସଂପାଦକ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ସୂଚୀପତ୍ର


**ସଂପାଦକୀୟ**

ସଂପାଦକୀୟ ୬

**ଚଳିତ ସଂସ୍କରଣର ବିଶେଷ**

ସ୍ମାର୍ଟ ହେବେ କେମିତି ୯

**ପଦ୍ୟ ବିଭାଗ**

ଆସିଛି ଅଗଷ୍ଟ ପନ୍ଦର ୧୬

ଶେଷ ସ୍ୱପ୍ନ ୧୭

ତ୍ରିରଙ୍ଗା ୧୮

ସଂଗ୍ରାମ ପଥେ ୧୯

**ଗଦ୍ୟ ବିଭାଗ**

ଅପେକ୍ଷା ୨୧

ଭୋକ ୨୫

ବର ଖୋଜା ଚାଲିଛି ୨୭

**ରମ୍ୟ ରଚନା**

ମଜା କଥା ୩୪

ଟାଉଟର ୩୫

**ଆମ ଗାଁ ହାଲଚାଲ**

ଆମ ଗାଁ ହାଲଚାଲ ୪୦

**ଅଦ୍ୱିତୀୟା**

ଆଇଙ୍କ ଢଗ ପେଢି ୪୮

ପ୍ରଥମ ଆବେଗ ୪୯

ବର୍ଷାଦିନିଆ ରୋଷେଇ ୫୧

**ଅନୁରୋଧ**

ବିଶେଷ ସୂଚନା ୫୪

**ବିଜ୍ଞାପନ ସୂଚନା**

ବିଜ୍ଞାପନ ମୂଲ୍ୟସୂଚୀ ୫୬




ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର



# ସଂପାଦକୀୟ

ପ୍ରିୟ ପାଠକ ପାଠିକା ବନ୍ଧୁମାନେ

ଚତୁର୍ଥ ବର୍ଷରେ ଆହ୍ୱାନର ଏହି ତୃତୀୟ ସଂସ୍କରଣର ଉନ୍ମୋଚନ ମୋତେ ଅତ୍ୟନ୍ତ ଆନନ୍ଦିତ କରିବା ସହିତ, ଏକ ନୂତନ ଉନ୍ମାଦନା ଭରି ଦେଇଛି। ବର୍ଷାଭିଜା ଧରିତ୍ରୀରେ ଧାନରୁଆ ଆରମ୍ଭ ହୋଇଗଲାଣି। କାଦୁଆ ଚାଷ ଜମିରେ ଧାଡି ଧାଡି ଚଷାମାନେ ଧାନଗଛ ରୋଉଥିବାର ଦୃଶ୍ୟ ମନକୁ ଆମୋଦିତ କରୁଛି। ଏହିପରି ଏକ ସମୟରେ ଆହ୍ୱାନର ଆଉ ଏକ ସୋପାନକୁ ଆପଣ ମାନଙ୍କୁ ସ୍ୱାଗତ।

ବିଗତ ମାସ ଓଡିଶାପାଇଁ ଏକ ଘଟଣାବହୁଳ ସମୟ ଥିଲା। ବିଧାନସଭାରେ କୋଇଲା ଖଣି ଦୁର୍ନୀତି ମାମଲା ବିରୋଧରେ ବିରୋଧୀଦଳ ଅନେକ ଦିନଧରି ଅନୁପସ୍ଥିତ ରହିବା ବେଳକୁ ରାଜ୍ୟରେ ପୁଣିଥରେ ସ୍ୱାଇନ୍ ଫ୍ଲୁ ଦେଖାଦେଇ ଲୋକମାନଙ୍କ ମଧ୍ୟରେ ଭୟ ସଂଚାର କରିଦେଇଥିଲା। ସ୍ୱାଇନ୍ ଫ୍ଲୁକୁ ରାଜ୍ୟରୁ ମୁଳୋତ୍ପାଟନ କରିବା ଲକ୍ଷ୍ୟରଖି ସ୍ୱାସ୍ଥ୍ୟ ବିଭାଗ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ଏହି ରୋଗରେ ମୃତ ବ୍ୟକ୍ତିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି। ଏଥିପାଇଁ ଟୀକାକରଣ ବ୍ୟାପକ ଭାବରେ ରାଜ୍ୟରେ କରାଯାଉଛି। ବିଭିନ୍ନ ସ୍କୁଲ କଲେଜରେ ଏହି ଟୀକାକରଣକୁ ବାଧ୍ୟତାମୂଳକ କରାଯାଇଛି। ଆଶା କରୁଛି ଏହି ରୋଗରେ ଆଉ କେହି ମୃତ୍ୟୁବରଣ କରନ୍ତୁ ନାହିଁ।

ଓଡିଶା ରାଜ୍ୟ ଶାନ୍ତିପ୍ରିୟ ରାଜ୍ୟ ବୋଲି ଅନେକ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ବର୍ଷରୁ ଆମେ ଶୁଣି ଆସୁଥିଲୁ, ହେଲେ ରାଜ୍ୟରେ ରାଜନୀତି ଏତେ ବ୍ୟାପକ ହେଲାଣି ଯେ ଆମ ରାଜ୍ୟର ଦୃତ ଅଭିବୃଦ୍ଧି କାହିଁକି କେଜାଣି କେବଳ କାଗଜ ପତ୍ରରେ ହିଁ ହେଉଥିବା ଭଳି ଲାଗୁଛି। ରାଜ୍ୟରେ ଜନ ସାଧାରଣ ଅନ୍ୟ କୌଣସି ବି ଜିନିଷରେ ମନଧ୍ୟାନ ଦେଉନଥାନ୍ତୁ କାହିଁକି ସାହିତ୍ୟ ପ୍ରତି କିନ୍ତୁ ନିଘା କାହାର ବି ନାହିଁ। ସାହିତ୍ୟ ପତ୍ରିକାଟିଏ କିଣିବା ଓ ପଢିବାକୁ ଆମ ଲୋକେ ବାଜେ ଖର୍ଚ୍ଚ ଅନ୍ତର୍ଭୁକ୍ତ କରି ସାରିଲେଣି। ସେଇଥିପାଇଁ ଓଡିଆ ସାହିତ୍ୟ ଅବହେଳିତ ହୋଇ ରହିଛି। ଲୋକମାନେ ପାନ ଓ ସିଗାରେଟ୍ ଖାଇ ଯେତେ ପଇସା ନଷ୍ଟ କରୁଛନ୍ତି ତାହାର ମାତ୍ର କେଇ ଅଂଶରେ ସେମାନେ ପତ୍ରିକାଟିଏ କିଣିପାରନ୍ତେ, କିନ୍ତୁ କିଣିବେ ନାହିଁ, ଲୋକ କଣ କହିବେ? ସାଙ୍ଗସାଥୀ ଥଟ୍ଟା କରିବେନି???

ଯା'ହେଉ ଏମିତି ଏକ ସମୟରେ ବିଗତ ଚାରିବର୍ଷଧରି ନିରବଛିନ୍ନ ଭାବରେ ପରିପ୍ରକାଶ କରି ଜନାଦୃତ ହୋଇପାରିଥିବାରୁ ଆହ୍ୱାନ ପତ୍ରିକାର ସଂପାଦକ ହିସାବରେ ମୁଁ ଆପଣ ସମସ୍ତଙ୍କ ନିକଟରେ ଚିରୋପକୃତ। କାରଣ ଏକା ଆପଣମାନଙ୍କ ସ୍ନେହ ଓ ସଦିଚ୍ଛ ଯୋଗୁଁ ଆଜି ଆହ୍ୱାନ ଏତେ ଦୂରକୁ ଆସି ପାରିଛି।

ଆଶା କରୁଛି ଏହି ସଂସ୍କରଣ ଆପଣ ମାନଙ୍କୁ ଭଲ ଲାଗିବ।

ଧନ୍ୟବାଦ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଚଳିତ ସଂସ୍କରଣର ବିଶେଷ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ସ୍ମାର୍ଟ ହେବେ କେମିତି !!!

ଯୁଗ ବଦଳୁଛି, ଯୁଗ ସହ ତାଳଦେଇ ଆମେ ବି ବଦଳି ଗଲେଣି। ଆଉ ଆଜି ଖାଲି ପାଠ ପଢିଦେଲେ ଆମେ ବଡ ଲୋକ ହୋଇଯିବା ତାହା ନାହିଁ। ଅବଶ୍ୟ ପାଠ ପଢି ଆମେ ଅନେକ କିଛି କରିପାରିବା, କିନ୍ତୁ ସ୍ମାର୍ଟ? ଆମେ ସତରେ କଣ ପାଠ ପଢିଲେ ସ୍ମାର୍ଟ୍ ହୋଇଯିବା, ନା ନୂଆ ନୂଆ ପୋଷାକ ପିନ୍ଧିଲେ ସ୍ମାର୍ଟ ହେବା, ନା ବଡ ଗାଡି, ସୁନ୍ଦର ପୋଷାକପରିପାଟୀ ପିନ୍ଧିଲେ ସ୍ମାର୍ଟ୍ ଦେଖାଯିବା, ଆପଣ କଣ ଭାବୁଛନ୍ତି, ସ୍ମାର୍ଟ ହେବାପାଇଁ ଜରୂରୀ କଣ ?

ସୁସଜ୍ଜିତ ପୋଷାକ ପରିହିତ, ଚଷମା, ଟାଇ ପିନ୍ଧିଥିବା ଲୋକଟିଏକୁ ଦେଖୁ ଦେଖୁ ମନରେ ଚାଲିଆସେ, ସ୍ମାର୍ଟ୍ ବୋଲି, କିନ୍ତୁ ସ୍ମାର୍ଟର ପରିଭାଷା କଣ ? କଣ କେବଳ ନୂଆ ପୋଷାକ, ଗାଡି, ମୋବାଇଲ ହିଁ ସ୍ମାର୍ଟ୍ କରିଦେଇ ପାରେ ? ନା !!! ଆସନ୍ତୁ ଶିଖିବା ସ୍ମାର୍ଟ ହେବାପାଇଁ ଆବଶ୍ୟକ କିଛି କଥା ;

## ଆତ୍ମବିଶ୍ୱାସ

ସ୍ମାର୍ଟ୍ ଲୋକର ପ୍ରଥମ ଆବଶ୍ୟକତା ହେଉଛି ଆତ୍ମବିଶ୍ୱାସ। ମନେ ରଖନ୍ତୁ ଯେଉଁ ଲୋକ ଯେତେ ଆତ୍ମବିଶ୍ୱାସୀ ସେ ସେତେ କଠିନ କାମକୁ ସହଜରେ କରିଦେଇପାରେ। ଆତ୍ମବିଶ୍ୱାସ ବଳରେ ଅସାଧ୍ୟ କାର୍ଯ୍ୟବି ସହଜରେ ସମାପନ ହୋଇପାରେ। ମନରେ ଜାତ ହେଉଥିବା ଆଶଂକା ଓ ଭୟ ଆତ୍ମବିଶ୍ୱାସକୁ ନଷ୍ଟ କରିଦିଏ ଏବଂ ତେଣୁ ଅସଫଳତା ଆଡକୁ ଆଗେଇ ନିଏ। ତେଣୁ ସର୍ବବୃହତ ଶକ୍ତି ହେଉଛି ଆତ୍ମବିଶ୍ୱାସ। "ହଁ, ମୁଁ କରି ପାରି ବି" ବୋଲି ସାହସର ସହିତ କହିପାରୁଥିବା ଲୋକ ଅନ୍ୟମାନଙ୍କ ତୁଳନାରେ




ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ସ୍ମାର୍ଟ୍ ଦେଖାଯିବ। ନିଜକୁ ଅକର୍ମଣ୍ୟ ବା ଭୀରୁ ବୋଲି ଭାବିବା ପୂର୍ବରୁ ଥରେ ଚିନ୍ତା କରି ଦେଖନ୍ତୁ ଆପଣଙ୍କ ଭିତରେ କେତେ ଆତ୍ମଶକ୍ତି ରହିଛି। ସେଇ ଆତ୍ମଶକ୍ତିକୁ ନିଜର ଆୟୁଧ କରିପାରିଲେ ଆପଣଙ୍କ ଆତ୍ମବିଶ୍ୱାସ ନିଶ୍ଚୟ ବଢିଯିବ।

## ସମୟାନୁବର୍ତ୍ତିତା

ସମୟର ସଦୁପଯୋଗ କରିବା ହେଉଛି ପ୍ରତ୍ୟେକ ବ୍ୟକ୍ତିର କର୍ତ୍ତବ୍ୟ। ସମୟର ମହତ୍ତ୍ୱକୁ ବୁଝି ସମୟ ସହ ତାଳଦେଇ କାମ କରୁଥିବା ବ୍ୟକ୍ତି ହିଁ ନିଜର ଦକ୍ଷତା ପ୍ରତିପାଦନ କରିପାରେ। କାରଣ ସମୟ କାହାପାଇଁ କେବେ ଅପେକ୍ଷା କରେନାହିଁ, ତେଣୁ ଆମକୁ ହିଁ ସମୟ ସହିତ ତାଳଦେଇ ଚାଲିବାକୁ ହେବ। କେଉଁ କାମକୁ କେତେ ସମୟରେ କରିବା ବା ନ କରିବା ଏବଂ ସେହି କାମ କରିବାଦ୍ୱାରା ଆପଣଙ୍କୁ ହେଉଥିବା ଲାଭ ଓ କ୍ଷତିର ବିଚାର କରିବା ଦ୍ୱାରା ଆପଣ ନିଜେ ସମୟ ସହ ଚାଲିପାରିବେ। କାରଣ ଯୁଗ ବହୁତ ଦୃତ ଗତିରେ ବଦଳୁଛି, ଯଦି ଆପଣ ପଛରେ ରହିଗଲେ ତ ସମ୍ଭବତଃ ଆପଣ ଆଉ ଆଗକୁ ବଢିପାରିବେ ନାହିଁ।



## ପରୀକ୍ଷାକୁ ସ୍ୱୀକାର କରନ୍ତୁ



ମନୁଷ୍ୟ ପରିସ୍ଥିତିର ଦାସ। ବେଳେ ବେଳେ ପରିସ୍ଥିତି ଆମକୁ ଏମିତି ଏକ ସ୍ଥାନରେ ଆଣି ଠିଆକରାଏ, ଯେ ଆମେ ଅନିଚ୍ଛା ସତ୍ତ୍ୱେ ତାହାର ସାମନା କରିବାକୁ ବାଧ୍ୟ ହୋଇଥାଉ। ଘରେ ହେଉ ଅବା ଅଫିସରେ ହେଉ ସବୁ ବେଳେ ସବୁ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ପରିସ୍ଥିତିର ସମ୍ମୁଖୀନ ହେବାପାଇଁ ତୟାର ରହନ୍ତୁ। ମୁଣ୍ଡକୁ ଥଣ୍ଡା ରଖି ଚିନ୍ତା କରନ୍ତୁ। ପ୍ରତ୍ୟେକ ଘଟଣା ଓ ପରିସ୍ଥିତିର ଯୁଗ୍ମାତ୍ମକ (ପଜିଟିଭ୍) ଦୃଷ୍ଟିକୋଣରୁ ଦେଖନ୍ତୁ। ଖୁସି ସମୟରେ ତ ସମସ୍ତେ ହସିଦିଅନ୍ତି, କିନ୍ତୁ ଦୁଃଖ ସମୟରେ ମଧ୍ୟ ମୁହଁରେ ହସ ରଖି ଯେ ତାହାର ମୁକାବିଲା କରିପାରେ ସେ ହୁଏ ସ୍ମାର୍ଟ୍।

## ସଂଚୟ କରନ୍ତୁ

ଆଜି ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଧନର ଖୁବ୍ ଆବଶ୍ୟକତା ରହିଛି। ତେଣୁ ସବୁବେଳେ ଧନକୁ ସଂଚୟ କରି ରଖିବା ବୁଦ୍ଧିମାନର କାମ। ଅଳ୍ପ ସମୟ ମଧ୍ୟରେ ବିପଦ ଆପଦା ସମୟରେ ଧନର ଆବଶ୍ୟକତା ମନୁଷ୍ୟକୁ ଦୁର୍ବଳ କରିଦେଇପାରେ। ତେଣୁ ସବୁବେଳେ ସବୁ ପରିସ୍ଥିତିରେ ମଧ୍ୟ ସଂଚୟ କରି ରଖିବା ଉଚିତ। କୌଣସି ସେବା ଅଥବା ପଦାର୍ଥ କ୍ରୟ କରିବାପାଇଁ ଯୋଜନା କରନ୍ତୁ, ପ୍ରତ୍ୟେକ ମାସରେ କିଛି କିଛି ସଂଚୟ କରିବାପରେ ଖର୍ଚ୍ଚ କରନ୍ତୁ, ଦେଖିବେ ଏକାଥରେ ଆପଣଙ୍କ ଉପରେ ବୋଝ ପଡିବ ନାହିଁ। ଆଉ ଅର୍ଥାଭାବ ଆପଣଙ୍କୁ ମାନସିକ ସ୍ତରରେ ଦୁର୍ବଳ କରିବ ନାହିଁ।



## ଯୋଗାଯୋଗ ବଢାନ୍ତୁ

ଆପଣ କଥା କହିଲେ ଲୋକମାନେ ଥଟ୍ଟା କରନ୍ତି କି ? ଯଦି ହଁ, ତେବେ ଆପଣ ନିଜର ଯୋଗାଯୋଗ ଓ ବାର୍ତ୍ତାଳାପରେ ଉନ୍ନତି କରନ୍ତୁ। କାରଣ ଆଜିର ଯୁଗ ହେଉଛି ସୂଚନା ଓ ପ୍ରଯୁକ୍ତିର ଯୁଗ, ଏଠି ଯଦି ଆପଣ ଅନ୍ୟ ମାନଙ୍କ ସହ ଯୋଗାଯୋଗ କରିପାରୁ ନାହାନ୍ତି ତେବେ ଆପଣ ଅବଶ୍ୟ ପଛରେ ପଡିଯିବେ। କଥା କହିବା ଏକ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

କଳା, କହି ଜାଣିଲେ କଥା ସୁନ୍ଦର ବୋଲି ଆମେ ସମସ୍ତେ ଜାଣିଛେ।

ପ୍ରତ୍ୟେକ ଥର କଥାବାର୍ତ୍ତା ହେବା ସମୟରେ ମନେ ରଖନ୍ତୁ ଆପଣ ନିଶ୍ଚିତ କରନ୍ତୁ ଆପଣ କଣ କହିବାକୁ ଚାହାନ୍ତି, ବିନା କୌଣସି ଧାରାରେ ଯଦି କେହି କଥାହୁଏ ତ ଲୋକମାନେ ତାକୁ ବାଚାଳ ବା ମୂର୍ଖ ବୋଲି ଭାବିପାରନ୍ତି। ତେଣୁ କଥା ହେବା ସମୟରେ ବିଷୟ ବିଶେଷକୁ ଧ୍ୟାନରେ ରଖି କଥା ହୁଅନ୍ତୁ। ଉଚ୍ଚ ସ୍ୱରରେ କଥା କହିଲେ ସମସ୍ତେ ଶୁଣିବେ ବୋଲି ଭାବିବା ମୂର୍ଖତା। ଧୀରସ୍ୱରରେ ନମ୍ର ସ୍ୱଭାବର ସହିତ କୁହାଯାଇଥିବା କଥା ଶ୍ରୋତା ମନରେ ଅତ୍ୟନ୍ତ ପ୍ରଭାବ ପକାଏ, ତେଣୁ ନମ୍ର ହୁଅନ୍ତୁ।

## ଆଶାବାଦୀ ହୁଅନ୍ତୁ

କୁହାଯାଇଛି, "ଉମ୍ମିଦ୍‌ପେ ଦୁନିୟା କାୟମ୍ ହୈ।" ଅର୍ଥାତ ଆଶା ଉପରେ ଦୁନିଆ ରହିଛି। ଆମେ ସମସ୍ତେ ବିଭିନ୍ନ ସମୟରେ ଆଶାର ଆଶାବାଡିକୁ ଆଶ୍ରା କରିଛେ ନିଶ୍ଚୟ। କୌଣସି ଗୋଟିଏ ସୁଖବରର ଅପେକ୍ଷା ଆମକୁ ଅଧିକ ଆଶାବାନ କରିଥାଏ, ଯେମିତି ପରୀକ୍ଷାଫଳ ପ୍ରକାଶନ, ଆମେ ସବୁବେଳେ ଆଶାବାନ ହିଁ ହୋଇଥାଉ। ସେହିପରି ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆଶାବାନ ହେବା ଅତ୍ୟନ୍ତ ଜରୂରୀ। ନିରାଶାବାଦୀଙ୍କୁ କେହି ଭଲ ପାଆନ୍ତି ନାହିଁ। ସବୁ କ୍ଷେତ୍ରରେ ଆଶା ଦେଖୁଥିବା ମନୁଷ୍ୟ ସର୍ବଦା ସଫଳ ହୁଏ।

କୌଣସି କାର୍ଯ୍ୟ ପ୍ରାରମ୍ଭରେ ନିରାଶା ଆପଣଙ୍କ ଆତ୍ମଶକ୍ତିକୁ କମ କରିଦେବ ଏବଂ ଆପଣଙ୍କ ସଫଳତାକୁ ବିଫଳତାରେ ପରିଣତ କରିଦେବ, ତେଣୁ ନକାରାତ୍ମକ ଚିନ୍ତାଧାରା ଦୂର କରି ସକାରାତ୍ମକ ଚିନ୍ତାଧାରାକୁ ଆପଣାଇ ନିଅନ୍ତୁ। କୌଣସି ଜିନିଷ ଭଲ କିମ୍ବା ଖରାପ ହୋଇନଥାଏ, ଆପଣଙ୍କ ଶୋଚନା ତାକୁ ସେଇମିତି କରାଏ। କୌଣସି ବସ୍ତୁକୁ ଘୃଣା ଚକ୍ଷୁରେ ଦେଖିଲେ ତାହା ଘୃଣ୍ୟ ହିଁ ଲାଗିବ। ତେଣୁ ସକାରାତ୍ମକ ଚିନ୍ତାଧାରାକୁ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଆପଣାଇଲେ ଆପଣ ଆପେ ଆପେ ସ୍ମାର୍ଟ୍ ହୋଇଯିବେ।

# ପ୍ରସନ୍ନମୁଖ ହୁଅନ୍ତୁ

ଯେଉଁ ବ୍ୟକ୍ତି ସଦାପ୍ରସନ୍ନ ରହେ ଓ ଅନ୍ୟମାନଙ୍କ ସହ ମିଳାମିଶା କରେ ସେହିପରି ବ୍ୟକ୍ତିଙ୍କୁ ସମସ୍ତେ ପସନ୍ଦ କରନ୍ତି, କାରଣ ହସ ହସ ଚେହେରା ଆମ ମନରେ ଏମିତି ଛାପ ଛାଡିଯାଏ ଯେ ଅନେକ ଦିନ ଯାଏଁ ଆମ ମନରୁ ସେ ଛାପ ଛାଡେନାହିଁ। ପ୍ରସନ୍ନତା ଆମର ଅନ୍ତର୍ନିହିତ ରହିଥାଏ, ଆମେ ଖୁସିଥିବା ବେଳେ ଆମକୁ ପୃଥିବୀ ସୁନ୍ଦର ଦେଖାଯାଏ, ଅଥଚ ଦୁଃଖରେ ଥିବା ବେଳେ ଆମକୁ ସେହି ପୃଥିବୀ ଅସୁନ୍ଦର ଦେଖାଯାଏ, ତେଣୁ ପ୍ରସନ୍ନ ରହିବା ଆମ ନିଜ ହାତରେ ଥାଏ। ଆମେ ଚାହିଁଲେ ସବୁବେଳେ ପ୍ରସନ୍ନ ରହିବା ଏବଂ ଅନ୍ୟ ମାନଙ୍କ ଉପରେ ଆମର ଭଲ ଛବି ଛାଡିଦେଇପାରିବା।



ସେହିପରି ଅନ୍ୟ ମାନଙ୍କ ସହ ମିଳାମିଶା କରିବାପାଇଁ ଇଚ୍ଛୁକ ବ୍ୟକ୍ତି ସମସ୍ତଙ୍କର ପ୍ରିୟ ହୋଇଥାଏ। ଯଦି ଆପଣ ଗହଳି ଭିତରେ ମଧ୍ୟ ନିଜପାଇଁ ସ୍ଥାନ ବାଛିଦେଇ ପାରନ୍ତି, ଓ ଅଜଣା ଅଶୁଣା ବ୍ୟକ୍ତିଙ୍କୁ ନିଜର ମିତ୍ର କରିଦେଇ ପାରନ୍ତି ତେବେ ଆପଣଙ୍କଠାରୁ ଅଧିକ ସ୍ମାର୍ଟ୍ ଆଉ କେହି ନାହାନ୍ତି।

# ଜ୍ଞାନାର୍ଜନ କରନ୍ତୁ

ଯେଉଁ ବ୍ୟକ୍ତି ଜ୍ଞାନୀ ସେ ଯେକୌଣସି ବିଷୟରେ ବି କଥା କହିପାରେ, ଏବଂ ବିଭିନ୍ନ ସମୟରେ ଚର୍ଚ୍ଚା ଓ ପରିଚର୍ଚ୍ଚାରେ ଅଂଶଗ୍ରହଣ କରି ନିଜସ୍ୱ ମତାମତ ଦେଇପାରେ। ଖାଲି ପାଠବହି ପଢିଦେଇ ପରୀକ୍ଷାରେ କୃତକାର୍ଯ୍ୟ ହୋଇଗଲେ ଆପଣଙ୍କ ଜ୍ଞାନ ବଢି ଯିବନାହିଁ, ବରଂ ଯଦି ଆପଣ ନିଜ ବିଷୟ ଅତିରିକ୍ତ ଅନ୍ୟ କୌଣସି ବିଷୟରେ ଗଭୀର ଜ୍ଞାନ ପାଇପାରିବେ ତେବେ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ସମସ୍ତଙ୍କର ପ୍ରିୟଭାଜନ ହୋଇପାରିବେ।

ପ୍ରତିଦିନ କିଛି ସମୟ ନୂଆ କିଛି ଶିଖିବାରେ ବିତାନ୍ତୁ, ଟିଭି ଦେଖିବା ସଉକ ଥିଲେ, ସମ୍ବାଦଭିତ୍ତିକ ଚ୍ୟାନେଲ ଦେଖି ସାଂପ୍ରତିକ ଘଟଣାବଳୀର ଜ୍ଞାନ ରଖନ୍ତୁ, କିମ୍ବା ବିଜ୍ଞାନଭିତ୍ତିକ କାର୍ଯ୍ୟକ୍ରମ ଦେଖନ୍ତୁ। ଏହାଦ୍ୱାରା ଆପଣଙ୍କ ସମ୍ୟକ ଜ୍ଞାନ ବଢିବା ସହିତ ଆପଣ ଯେକୌଣସି ସ୍ଥାନରେ ଓ ସମୟରେ ଯେକୌଣସି ବିଷୟରେ ନିଜସ୍ୱ ମତାମତ ଦେଇ ପାରିବେ।

# ଆକର୍ଷକ ଦେଖାଯାଆନ୍ତୁ



ପାଶ୍ଚାତ୍ୟ ଲେଖକ ସେକ୍ସପିୟର କହିଥିଲେ ଯେ ମନୁଷ୍ୟ ଜୀବନରେ ବସ୍ତ୍ର ଓ ତାହାର ପିନ୍ଧିବାର ଶୈଳୀ ଅତ୍ୟନ୍ତ ପ୍ରଭାବ ପକାଏ। ଆମର ବସ୍ତ୍ର ଶରୀରକୁ ଆବୃତ କରିବା ସହିତ ଆମକୁ ପରିଚୟ ମଧ୍ୟ ଦେଇଥାଏ। ଆମ ବସ୍ତ୍ର ଆମକୁ ଏକ ସ୍ୱତନ୍ତ୍ର ପରିଚୟ ଦିଏ, ତେଣୁ ବସ୍ତ୍ର କିଣିବା ସମୟରେ ବିଶେଷ ଧ୍ୟାନ ଦିଅନ୍ତୁ। ଆପଣଙ୍କ ବସ୍ତ୍ର ଆପଣଙ୍କୁ ସ୍ମାର୍ଟ୍ କିମ୍ବା ମୂର୍ଖ ଦେଖାଇ ପାରେ।

କେବଳ ଦାମୀ କଂପାନୀରୁ ପୋଷାକ କିଣି ପିନ୍ଧିଲେ ଯେ ଆମେ ଆକର୍ଷକ ଦେଖାଯିବା ଏହା ଏକ ଭୂଲ ଧାରଣା। ଯଦି ଆପଣଙ୍କ ଶରୀର ପୃଥୁଳ କିମ୍ବା ଅସୁନ୍ଦର ରହିବା ସେଥିରେ ସୁନ୍ଦର ବସ୍ତ୍ର ପିନ୍ଧିଲେ ବି ସୁନ୍ଦର ଦେଖାଯିବ ନାହିଁ, ତେଣୁ ସ୍ୱାସ୍ଥ୍ୟ ରକ୍ଷା ହେତୁ ଆପଣ ପ୍ରତିଦିନ ବ୍ୟାୟାମ କରନ୍ତୁ, ଏହାଦ୍ୱାରା ଆପଣଙ୍କ ତନୁ ସୁନ୍ଦର ହେବ ଏବଂ ଶରୀରର ଗଠନ ସୁନ୍ଦର ହେବ।

ଉପରୋକ୍ତ ସମସ୍ତ କାର୍ଯ୍ୟଦ୍ୱାରା ଯେ ଆମେ ସ୍ମାର୍ଟ୍ ହୋଇଯିବା ତାହା ଠିକ୍ ନୁହଁ। ସ୍ମାର୍ଟ୍ ହେବାପାଇଁ ଆମର ଅନ୍ତର୍ନିହିତ ମନୋବଳ ଆମକୁ ଶକ୍ତି ଦେବ। ତେଣୁ ଆମର ଆତ୍ମଶକ୍ତିକୁ ଜାଗ୍ରତ କରିବାକୁ ହେବ। ତା'ପରେ ହିଁ ଯାଇ ଆମେ ହେବା ସ୍ମାର୍ଟ୍।



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ପଦ୍ୟ ବିଭାଗ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଆସିଛି ଅଗଷ୍ଟ ପନ୍ଦର

**ଶକୁନ୍ତଳା ପଟ୍ଟନାୟକ**

ଆଜି ଆସିଛି ଅଗଷ୍ଟ ପନ୍ଦର
ସାଜି ମନଲୋଭା ରୂପ ସୁନ୍ଦର ।୦।
ଆଜି ଆସିଛି ଅଗଷ୍ଟ ପନ୍ଦର...

ଆକାଶ ଟାଣିଛି ଦେଖ ନୀଳ ତୋରଣ... ନୀଳ ତୋରଣ
ଅରୁଣ ଢାଳନ୍ତି ହସି ସ୍ୱର୍ଣ୍ଣ କିରଣ... ସ୍ୱର୍ଣ୍ଣ କିରଣ,
ଶୁଭ ଆଗମନୀ ତୋଳେ ପ୍ରତିଧ୍ୱନୀ
ଜୟ ଜୟ ନାଦେ ଶୁଭେ ଆବାହନୀ
ମୁଖରିତ ଆଜି ଗଗନ ପବନ
ଜନପଦ ବନ କନ୍ଦର ।୧।
ଆଜି ଆସିଛି ଅଗଷ୍ଟ ପନ୍ଦର...

ଶରତ ସାଜିଛି ଫୁଲେ ତରୁଲତିକା... ତରୁଲତିକା
ମୃଦୁ ସମୀରଣ ଗାଏ ଶୁଭଗୀତିକା...ଶୁଭଗୀତିକା
ଆଜି ଏ ଦିବସ ମୁଖେ ଆଣେ ହସ
ଲହୁ ଲୁହେ ସିନା ଭରା ଇତିହାସ
ତେଣୁ କୋଟି କଣ୍ଠେ ତାନ ଆଜି ଛୁଟେ
ଆଶା ଆଶାବରୀ ଛନ୍ଦର ।୨।
ଆଜି ଆସିଛି ଅଗଷ୍ଟ ପନ୍ଦର

ତ୍ରିରଙ୍ଗା ପତାକା ଖେଳେ ରଙ୍ଗ ଝଲକେ... ରଙ୍ଗ ଝଲକେ
ସ୍ୱାଧୀନ ଜୀବନ ନାଚେ ଭରା ପୁଲକେ... ଭରା ପୁଲକେ
କେତେ କେତେ ବୀର ଦେଇ ନିଜ ଶିର
ଶୋଣିତେ ଲେଖିଲେ ଅଲିଭା ଅକ୍ଷର
ତ୍ୟାଗ ଆଦର୍ଶର ଏ ଦେଶ ଆମର
ସେ ତ ମହିମାର ମହା ମନ୍ଦିର ।୩।
**ଆଜି ଆସିଛି ଅଗଷ୍ଟ ପନ୍ଦର**


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଶେଷ ସ୍ୱପ୍ନ

ସୁଶାନ୍ତ କୁମାର ପଟ୍ଟନାୟକ

ଦିନେ କେବେ ଜୀଇଁବା ପାଇଁ
ବାରମ୍ବାର ମରିବାକୁ ପଡୁଥିଲା
ହେଲେ ଆଜିକାଲି ମରିବା ପାଇଁ
ବାରମ୍ବାର ଜୀଇଁବାକୁ ପଡୁଛି
କାଳେ କେତେବେଳେ ଫୁଲଟିଏ ହୋଇ
ଫୁଟି ଫୁଟି ଫିଟେଇ ଦେବି ଦୁର୍ବଳ ମୁହୂର୍ତ୍ତ
କୋମଳ ପ୍ରାଣରେ ଯୋଡିଦେବି
ବିଶ୍ୱାସର ଖୋଲାହାତ
ଅୟୁତ ଅୟୁତ ସମୟ ଦର୍ପଣେ
ଭଲପାଇବାର ସ୍ୱଷ୍ଟ ମାନଚିତ୍ର ।
ଏବେ ଅନ୍ତତଃ କେହିଜଣେ
ଖୋଲିଦିଅ ମୁଦ୍ରିତ ଆଖି
ପଣତରେ ପୋଛିଦିଅ ଲୁହ
ଲୁହରେ ଧୋଇଦିଅ କୋହ
କୋହର ଧାସରେ ଆଲୋକିତ ହୋଇଯାଉ
ଶତ୍ରୁର ଆଖି,
ଆଖିରେ ଝଲସି ଯାଉ
ଅକୁହା ପ୍ରେମର ଭାଷା
ଭାଷାରେ ଉଚ୍ଛୁଳି ଉଠୁ ପୃଥ୍ୱୀର ମନ,
ଶେଷଥର ଲାଗି ଆଙ୍କିଦିଅ
ଓଠରେ ଚୁମ୍ବନ,
ମରିବାର ନିଃସଙ୍ଗ ବାଟରେ
ହଜିଯାଉ ସ୍ୱପ୍ନର ଶବ୍ଦ
ଜୀଇଁବାର ବିରାମ ମାନଙ୍କରେ
ପଡିଯାଉ ପୂର୍ଣ୍ଣଚ୍ଛେଦ ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ତ୍ରିରଙ୍ଗା

ନମିତା ଦାସ

*ଲଗାଣ ବର୍ଷା ସାଙ୍ଗକୁ ବନ୍ୟା*
*କାହାର ପୁଷମାସ ତ କାହାର ସର୍ବନାଶ*
*ସର୍ବହରା ପାଇଁ ଆସିଛି*
*ଏମିତି ଏକ ଦିବସ,*
*ତ୍ରିରଙ୍ଗା ଉଡୁଛି ଫରଫର*
*ଅପଲକେ ଚାହିଁଛି ସର୍ବହରା*
*ହାତଠାରି ଡାକୁଛି ଯେମିତି*
*ଫୁଲ ଖସି ତଳେ ପଡିସାରିଲାଣି*
*ପବିତ୍ର ପର୍ବ ସବୁ ସରିଗଲାଣି*
*ଏଡେ ବହଳ ତ୍ରିରଙ୍ଗା ଚାଦରଟା*
*ଯଦି ମିଳିଯାନ୍ତା*
*ଓଦାଶୀତ ଥୁରୁଥୁରୁ ବୁଢୀମାର*
*ଦେହରେ ଘୋଡେଇ ପକାନ୍ତି*
*ବର୍ଷସାରା ଏମିତି ଅଲୋଡା ରହୁଛି*
*ମୋର ଅନ୍ତତଃ  ଅଭାବଟେ ମେ□ନ୍ତା,*
*ସ୍ୱପ୍ନମୋର ପବନରେ ଦୋଳି ଖେଳୁଛି*
*ଭାବୁଛି ସ୍ୱାଧୀନପଣରେ ଟିକେ ବ□ିପାରନ୍ତି କି !!!*


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ସଂଗ୍ରାମ ପଥେ

ଡ. ମେଜର ଗୌରୀପ୍ରସାଦ ମହାପାତ୍ର

ପ୍ରଜାପାତି ହେବା ପାଇଁ
ସଂବାଳୁଆଙ୍କ କ୍ୟୁ ଖୁବ୍ ଲମ୍ବିଲା
ଦେହେ ନବରଙ୍ଗ ବୋଳି
ଏ ଫୁଲେ ସେ ଫୁଲେ ବୁଲି
ମଧୁ ଚାଖିବା ଆଶା - ସବୁରି ମୁଣ୍ଡରେ,
(ମୋ ପ୍ରେମିକାର ଜଟପରି) ଜମାଟ ବାନ୍ଧିଲା ।।

ସଂବାଳୁଆ ସବୁ
ଶାଗୁଆ ବଗିଚାକୁ, ମରୁଭୂମି କଲେ
ସେଇଠି- ମଧ୍ୟାହ୍ନର ବହ୍ନି ଜଳିଲା
କିନ୍ତୁ ସପ୍ତଫେଣି ନିଜେ କ□କିତ ହୋଇ ସୁଦ୍ଧା
ମରୁଭୂମିରେ ସବୁଜ ରଙ୍ଗ ଦେବାପାଇଁ
ଚିର ଦିନପାଇଁ- ସଂଗ୍ରାମୀ ହେଲା ।।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଗଦ୍ୟ ବିଭାଗ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଅପେକ୍ଷା

ଦିଲ୍ଲୀପ କୁମାର ଚୌଧୁରୀ

ବାହାରେ ଡିଇ ଡିଇ ବର୍ଷା। ଝରକା ଏପାଖେ ମୁଁ। ସେ ପାଖରେ ବର୍ଷାର ମନୋରମ ଦୃଶ୍ୟ। ସକାଳ ପହରୁ ଏ ବର୍ଷା ଆରମ୍ଭ ହୋଇଛି। ଛାଡିବାର ନାଁ ନେଇନାହିଁ। ମଝିରେ ମଝିରେ ଦଲକାଏ ପବନ ଆସି ଦେହକୁ ଥରାଇ ଦେଉଛି। ସେମିତି ସକାଳି ସ୍କୁଲ ଯାଇ ଫେରିଛି। ବର୍ଷା ବାହାନାରେ ଛୁଟି କରି ଦେଇଛି। ଘରେ, ଯେ ଯା'ରୁମରେ ଶୋଇଛନ୍ତି। କୌଣସି ଏକ ମନର ଭାବନାକୁ ଘଡ ଘଡି ଆସି ଭାଙ୍ଗିଦେଉଛି। ସ୍ଥିର କରି ରଖି ପୁଣି ମୂଳରୁ ଭାବିବାକୁ ମେଘ କହି ଯାଉଛି।

ସକାଳୁ ଯାଇ ସ୍କୁଲର ଚାବି ଖୋଲିଲି। ଯେଉଁ କେତେ ପିଲା ଆସିଥିଲେ ସେମାନଙ୍କୁ ଶ୍ରେଣୀ କକ୍ଷ ଝାଡିବାକୁ କହିଲି। ପ୍ରାର୍ଥନା ସରିଲା। ଏହି ସମୟରେ ଘଡଘଡି ମାରିଲା। କିଛି ପିଲା ଛାନିଆଁ ହେଇଗଲେ। କିଏ କିଏ କାନରେ ହାତ ଦେଇ କିଛି ସମୟ ଠିଆ କିମ୍ବା ବସି ରହିଲା। ଆଉ କିଏ ନିଜ ସାର୍ଟ ବୋତାମ ଖୋଲି ନିଜ ଛାତିରେ ଥୁ ଥୁ କରୁଥିଲା। ପ୍ରାର୍ଥନା ବୋଲୁଥିବା ଝିଅଟା ଡରିମରି ମୋତେ ଭିଡିଧରିଲା। ସେ ମୋର ଦୁଇ ଜଂଘକୁ ଧରିଥିଲା। ତା'ପିଠିକୁ ଥାପୁଡାଇ ଆଶ୍ୱାସନା ଦେଇ ନିଜ ଜାଗାରେ ବସିବାକୁ କହିଲି।

ଏମିତି ଏକ ଘଟଣା ଘଟିଥିଲା ଆଜିକୁ ପଚିଶି ବର୍ଷ ତଳେ। ସେତେବେଳକୁ ମୁଁ ନୂଆଁ ନୂଆଁ ଶିକ୍ଷକତା କରୁଥିଲି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହିତ ମୁଁ ଏବଂ ଆଉ ଜଣେ ସାଥୀ ଶିକ୍ଷକ ଏମିତି ତିନିଜଣ। ପ୍ରଧାନ ଶିକ୍ଷୟିତ୍ରୀ ଅତ୍ୟଧିକ ଶିକ୍ଷାଗତ ଯୋଗ୍ୟତା ଥିବା ହେତୁ ସେ ତାଙ୍କଠାରୁ ବଡ ଚାକିରୀଆ ଓ ଯୋଗ୍ୟତା ସଂପନ୍ନ ବରପାତ୍ରଟିଏ ଖୋଜୁଥିଲେ। ଫଳତଃ ବୟସ ଅତିକ୍ରାନ୍ତ ହୋଇ ଚାଳିଶି ବର୍ଷରେ ପହଞ୍ଚିଗଲେ। ମୁଁ ତ ନୂଆଁ ଚାକିରୀଆ ଅବିବାହିତ ଥିଲି। ବୟସ ସବୁ କୋଡିଏ ବର୍ଷ ହେଇଥିଲା। ଅନ୍ୟ ସାଥୀ ଶିକ୍ଷକ ଜଣକ କିନ୍ତୁ ବିବାହିତ ଥିଲେ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଏମିତି ଥରେ ପିଲାଙ୍କ ଖେଳ ଛୁଟିରେ କଥାବାର୍ତ୍ତା ହେଉଥିବା ସମୟରେ ପ୍ରଧାନ ଶିକ୍ଷୟିତ୍ରୀ କହିଲେ - ମୋ ପରି ଏମିତି କେତେ ଅବିବାହିତା ଅଛନ୍ତି। ଏଣୁ ମୋର ଦୁଃଖ କିଛି ନାହିଁ। ଖାଲି ଯାହା ବାପାମା'ଙ୍କ ଦୁଃଖପାଇଁ ମୋର ଚିନ୍ତା। ସ୍ୱାର୍ଥୀ ଶିକ୍ଷକ କହିଲେ- ଆପଣ ଠିକ୍ ସମୟରେ ବାହା ହେଇଥିଲେ ପୁଅ ଝିଅ ଆଜି ସୁବ୍ରତଙ୍କ ପରି ହୋଇଯାଇଥାନ୍ତେ। ପ୍ରଧାନ ଶିକ୍ଷୟିତ୍ରୀ ଏକ ଶୁଖିଲା ହସ ହସି କଥାଟିକୁ ଉଡାଇବାକୁ ଚେଷ୍ଟା କଲେ। କିନ୍ତୁ ଭୁଲିପାରିଲେ ନାହିଁ। ମୋତେ ଟିକେ ଏକ ଭିନ୍ନ ଚାହାଣୀରେ ଦେଖିଲେ ଏବଂ ପରେ ସେହିପରି ଦେଖୁଥିଲେ।

ଆଜି ଠିକ ମନେ ପଡୁ ନଥିଲେ ବି ମୁଁ ଜାଣେ ତାଙ୍କର ସେହି ଦିନ କୌଣସି ଏକ ଉପବାସ ଥିଲା। ଯାହା ଥିଲା ନିର୍ଜଳା ଉପବାସ। ନିର୍ଜଳା ଉପବାସ କରିବା ହେତୁ ସେ ଚୁପ୍‌ଚାପ୍ ନିଜ ରୁମରେ ବସିଥାନ୍ତି। ଠିକ ଏହି ସମୟରେ ଏକ ଛୋଟିଆ ଅଥଚ ଶକ୍ତ ହାତ ବଲ୍‌ଟି ଆସି ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୁଣ୍ଡରେ ବାଜିଲା। ଉପବାସିଆ ଶରୀରରେ ବଲ୍‌ଟି ବାଜିବା ଦ୍ୱାରା ସେ ଏକ ପ୍ରକାର ଅଚେତ ପରି ନିଜ ଚଉକିରେ ଆଉଜି ପଡିଲେ। ବନ୍ଧୁ ଶିକ୍ଷକ ପିଲାମାନଙ୍କୁ ଖେଳାଉଥିବା ବଲ୍‌ଟି କୁଆଡେ ଗଲା ବୋଲି ଖୋଜୁଥିଲେ। ପିଲାମାନଙ୍କ ଭିତରୁ ଯେଉଁମାନେ ଜାଣିଥିଲେ; ସେମାନେ ଡରିଯାଇ ନା' ପ୍ରଧାନ ଶିକ୍ଷୟିତ୍ରୀଙ୍କ ପାଖକୁ ଆସିପାରୁଥିଲେ, ନା'ଖେଳ ଶିକ୍ଷକଙ୍କୁ କହିବାର ସାହାସ କରୁଥିଲେ। ବେଳଥିଲା ସାଢେ ତିନରୁ ଚାରିଟା। ମୁଁ ତାଙ୍କ ଉପବାସ କଥା ଭୁଲିଯାଇ ସୁରେଇରୁ ଥଣ୍ଡା ପାଣି ଗ୍ଲାସଟି ନେଇ ମଥାଟିକୁ ଧରି ପିଆଇଦେଲି। ସେ ବି ପିଇଗଲେ। ଏତିକି ବେଳକୁ ବନ୍ଧୁ ଶିକ୍ଷକ ପିଲାମାନଙ୍କୁ ତାଗିଦ୍ କରି ଆସି ସାନ୍ତ୍ୱନା ଦେଉଥାନ୍ତି।

ସ୍କୁଲ ଛୁଟି ଘଣ୍ଟା ବାଜିଲା। ପିଲାଏ ଗଲେ ଯେ ଯା'ଘରକୁ। ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କର ଦୈନିକ ରିକ୍ସାରେ ଚାଲିଗଲେ। ପରେ ମୋ ବନ୍ଧୁ ମୋତେ କହିଲେ- ପତି ପରମେଶ୍ୱର ମାନେ ପତ୍ନୀଙ୍କର ଉପବାସ ପାଣି ପଣା ଦେଇ ଭାଙ୍ଗନ୍ତି। ଆପଣ ଆଜି ଗୋଟେ ଅପରାଧ କାମ କଲେ। ମୁଁ ତାଙ୍କର କଥାକୁ ଏତେ ଗୁରୁତ୍ୱ ଦେଲିନାହିଁ। କାରଣ ମୋର ମନ କହୁଥିଲା ସେବା ହିଁ ପରମଧର୍ମ। ହୁଏତ ସେ ସମୟରେ ସେ ପାଣି ନ ପିଇଥିଲେ ଆଉ କିଛି ଗୋଟେ ବିପଦରେ ପଡିଯାଇଥାନ୍ତେ ! ଫଳତଃ ସେଥିରେ ଆମେ ଦୁହେଁ ଶିକ୍ଷକ ବି ଯୋଡି ହୋଇ ଯାଇଥାନ୍ତୁ।



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଯେଉଁ ଘଟଣାଟି ପାଇଁ ଆଜି ଏହି ସବୁ କଥା ମୋର ମନେ ପଡିଲା। ସେହି ଘଟଣାଟି ଘଟିଲା ଆଜିପରି ଏକ ଧାରା ଶ୍ରାବଣର ଶେଷ ଦିନର ପ୍ରଥମ ସକାଳରେ। ଦିନଥାଏ ଶନିବାର। ସକାଳୁଆ ସ୍କୁଲ। ବର୍ଷା ଯୋଗୁଁ ବନ୍ଧୁ ଶିକ୍ଷକ ଆସିନଥାନ୍ତି। ବର୍ଷା ସାଙ୍ଗକୁ ଛୋଟ ଛୋଟ ଘଡଘଡି ତଥା ବିଜୁଳିର ଖେଳ ଚାଲିଥାଏ। ସତରେ ପିଲା ବି କେହି ଆସିନାଥାନ୍ତି। ଆସିବେ ବା କେମିତି। ମୂଷଳ ଧାରାରେ ବର୍ଷା ବର୍ଷି ଚାଲିଥାଏ। ପିଆ ଆସିନଥାନ୍ତି ବୋଲି କୌଣସି ଶ୍ରେଣୀର କବାଟ ଖୋଲିନଥାଏ। କେବଳ ପ୍ରଧାନ ଶିକ୍ଷୟିତ୍ରୀ ନିଜ କକ୍ଷର ମାତ୍ର ଗୋଟିଏ କବାଟ ଖୋଲି ବସିଥାନ୍ତି। ଝରକା ବି ବନ୍ଦ ଥାଏ। ଆମେ ଦୁହେଁ, ଖୋଲାଥିବା ଦୁଆର ବନ୍ଧର ଶ୍ରେଣୀକକ୍ଷରେ ସେ ଏବଂ ଶ୍ରେଣୀ କକ୍ଷର ବାହାରେ ମୁଁ। କଥାବାର୍ତ୍ତା ହେଉଥାଉ। ହଠାତ୍ ଏକ ପ୍ରଚଣ୍ଡ ଘଡଘଡି ମାରିଲା। ମୁଁ ତ ସାଧାରଣ ଭାବେ ଥରିଗଲି କିନ୍ତୁ ସେ ''ଏ ମା' କହି ମୋତେ ଭିଡି ଧରିଲେ। ସେ ସମୟରେ ସତରେ କି ମାନସିକତାର ଆମେ ଶିକାର ହେଲୁ ଯେ ମୁଁ ତାଙ୍କୁ ମୋ ପାଖରୁ ତଡି ପାରୁନଥିଲି କି ସେ ବି ମୋଠାରୁ ମୁକ୍ତି ଖୋଜୁନଥିଲେ କିମ୍ବା ଯାଉନଥିଲେ। ଆମେ ଦୁହେଁ ନିଶ୍ଚୟ ବୟସର ତାରତମ୍ୟଠାରୁ ବହୁତ ଦୂରକୁ ଚାଲିଯାଇଥିଲୁ। ବାହାରୁ କୋହଲା ପବନ ଆସୁଥିଲା କି ଆମକୁ ଭୀଷଣ ଥଣ୍ଡା ଲାଗୁଥିଲା ଜାଣି ପାରିନଥିଲୁ। କିନ୍ତୁ ଥରୁଥିଲୁ। ଏବଂ ଭୟଙ୍କର ହୃଦ୍ ସ୍ପନ୍ଦନ ସମାନ ତାଳରେ ଚାଲିଥିଲା। ଯାହା ଖୁବ୍ କ୍ଷୀପ୍ରତର। ମେଘୁଆ ସକାଳ, ଅନ୍ଧାର ଶ୍ରେଣୀ ଗୃହ, ଶୀତ ସକାଳର କୋହଲା ପବନ। ତା'ପରବର୍ତ୍ତୀ ଯାହାହେଲା ଭାବିବାକୁ ବି ଇଚ୍ଛା ହୁଏନାହିଁ। ହୁଏତ ତାହା କୁହାଯାଇପାରେ ପହିଲା ପ୍ରେମ ବା ଆକର୍ଷଣ। ତା'ପରେ ମୁଁ ଆଉଥରେ ବି ତାଙ୍କୁ ଦେଖିନାହିଁ। ଦେଖା ବି ହୋଇନାହିଁ। ଦେଖା ଦେଇନାହାନ୍ତି ସେ। ପ୍ରଥମ ସହକାରୀ ବନ୍ଧୁ ଶିକ୍ଷକଙ୍କୁ କେତେବେଳେ ସେ ଦାୟିତ୍ୱ ଦେଇ କେଉଁଠାକୁ ଚାଲିଗଲେ ସେ ସବୁ ଅଠିକଣା ହୋଇ ରହିଗଲା।

ବାହାରେ ବର୍ଷା ଏବେ ବି ଅଛି। ଏଣୁ ମୋର ଘର କଲିଂ ବେଲ୍‌ର ଶବ୍ଦ ମୋତେ ଶୁଣାଯାଉନଥିଲା।ଘରଣୀ ଉଠିଆସି ମୋତେ କହିଲେ- କ'ଣ କରୁଛ, ଏମିତି ମଗ୍ନ ଅଛ ଯେ ଡାକବାଲାର ଡାକ କି କଲିଂବେଲ ଶବ୍ଦ ଶୁଣାଯାଉନି। ମୋତେ ନିଦରୁ ନ ଉଠାଇଲେ ତୁମ ମନ ବୁଝୁନି ବୋଧେ। ମୁଁ ସମ୍ବିତ୍ ପାଇଲି- କ'ଣ ହେଲା କହି ଗଲି ଚିଠିଟି ଆଣିବା ପାଇଁ। ଘରଣୀ ଚିଠିଟି ଡାକବାଲାଠୁ ନେଇ ଆସି ଏପଟ ସେପଟ କରି ମୋ ହାତକୁ ବଢାଇ ଦେଇ କବାଟ ବନ୍ଦ କରି ନିଦୁଆ ଆଖିରେ ନିଜ ଶୋଇବା କକ୍ଷକୁ ଚାଲିଗଲେ। ମୁଁ ପ୍ରେରକ ବିହୀନ ଚିଠିଟି ଖୋଲିଲି।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ସମ୍ବୋଧନରେ ସୁବ୍ରତ ବୋଲି ଲେଖାଥିଲା।

ସୁବ୍ରତ,

*ପ୍ରେରକ ଲେଖିଲି ନାହିଁ କାଳେ ନ ଖୋଲି ଘୃଣାରେ ଚିରି ଦେବ ବୋଲି। ଅନୁରୋଧ ଇତି ବି ପ୍ରଥମେ ପଢିବ ନାହିଁ। ଏହିପରି ଏକ ଶ୍ରାବଣର କଥା କହୁଛି, ପଚିଶି ବର୍ଷ ତଳର। ପଚିଶିବର୍ଷ ପୂର୍ବର କଥା ତ ସବୁ ଜାଣିଛ, ପରବର୍ତ୍ତୀ କଥା ସଂକ୍ଷେପରେ କହୁଛି। ତୁମେ କିଏ ମୋର ମୁଁ ଜାଣିନଥିଲି। କିନ୍ତୁ ତୁମେ ହଠାତ୍ ସବୁ କିଛି ହେଇଗଲ। ସେଠୁ ମୁଁ ଗଲାପରେ। ସ୍କୁଲର ଦାୟିତ୍ୱ ଓ ଶିକ୍ଷକତାରୁ ଇସ୍ତଫା ଦେଇ ଚାଲିଗଲି ସୁଦୂର ବାଲେଶ୍ୱର। ସେଠାରେ ମୋର ସଂଚିତ ଅର୍ଥରେ ଏକ କୋଚିଂ ସେଣ୍ଟର ଖୋଲି ମୋର ଶିକ୍ଷାର ପ୍ରତିଭାକୁ ପରିପ୍ରକାଶ କଲି। ଏ ଭିତରେ ସେମିତି କିଛି ବଡ ଘଟଣା ବା ଦୁର୍ଘଟଣା କିମ୍ବା ପରିବର୍ତ୍ତନ ହୋଇନଥିଲେ ବି ମୁଁ ଆଜି ବି ଉପବାସିଆ ଅଛି। ଆଉ ମୋର ଝିଅକୁ ବାହା କରୁଛି। ତୁମକୁ ଡାକିବା ଜରୁରୀ ବୋଲି ଭାବିଲି। ଯଦି ଚ ବାପାମା'ର ସଂପୂର୍ଣ୍ଣ ଦାୟିତ୍ୱ ନେଇଛି ମୋ ଝିଅର ମୁଁ। ମୁଁ ତ ଆଉ ବାପା ନୁହେଁ ଯେ, ମାଆଟି ମରିଯାଇଛି ବୋଲି କହିଦେବି। ବାପା ହିଁ କନ୍ୟାଦାନ କରିବା ବିଧେୟ। ତୁମେ ଆସିବ ବୋଲି ମୋର ଆଶା ଆଉ ବିଶ୍ୱାସ ତଥା ଅନୁରୋଧ। ଇତି ତଳେ କଣ ଲେଖିବି ବୋଲି କେବଳ ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ବୋଲି ଲେଖୁଛି।*

ଭି ଆଇ ପି କଲୋନୀ
ବ୍ରହ୍ମପୁର-୪


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଭୋକ

ଭାଗ୍ୟଲକ୍ଷ୍ମୀ ମହାରଣା

ବାଧିକା ପଡି, ଶେଯରେ ଶୋଇ ଶୋଇ କତରା ଲଗା ହୋଇଯାଇଥିବା ବୋଉକୁ ଲୁହ ଛଳ ଛଳ ଆଖିରେ ଚାହିଁ ରହିଥିଲା ବାରବର୍ଷର ଗେହ୍ଲା ପୁଅ ବାବୁନି। କାମ ଖୋଜିବାକୁ ଯାଇ ବୁଲି ବୁଲି  ହାଲିଆ ହୋଇ ମୁହଁ ସଞ୍ଜବେଳେ ଘରକୁ ଫେରିଥିବା ବାପା ଦୁଆର ମୁହଁରେ ଥକ୍କା ମାରି ବସିଛି। ବାବୁନି ଥରେ ବାପାକୁ ଚାହୁଁଛି, ଆଉ ଥରେ ବୋଉକ। ତାକୁ ଆଉ ଭୋକ ଜଣାପଡୁନି।

ସଂଜ ଯାଇ ରାତି ହେଲା। ଅନ୍ଧାର ଘର ଭିତରୁ ବାବୁନି ଉଠିଗଲା ବାପା ପାଖକୁ। ଚାପା କଣ୍ଠରେ କହିଲା,

-ବାପା ! ଗୋଟେ କାମ କଲେ ଆମକୁ ଖାଇବାକୁ ମିଳିଯିବ।

ବାପାର ଶୁଖିଲା-ହାଡୁଆ ମୁହଁ ଅନ୍ଧାରରେ ବି ଉଜ୍ଜଳ ଦିଶିଲା। ସେ ଅନେଇଲା ପୁଅକୁ। ତା'କାନ ପାଖରେ ବାବୁନି କହିଲା;

-ବାପା ! ଚାଲ ଆମେ ଚୋରୀ କରିବା।

ଭୂତ ଦେଖିଲା ଭଳି ଚମକି ଉଠିଲା ବାପା। ଆଉ ଟିକେ ଚାପା ସ୍ୱରରେ କହିଲା ବାବୁନି

-ଚୋରୀ କରି ଧରାପଡିଲେ ଜେଲକୁ ଯିବା। ଜେଲ ଭିତରେ ଖାଇବାକୁ ମିଳେ ପରା।

ଅନ୍ଧାରରେ ବାପା କୁଣ୍ଢେଇ ଧରିଲା ଗେହ୍ଲାପୁଅକୁ। ଘର ଭିତରୁ ଶୁଭିଲା ବୋଉର କୋହ ଭରା ଦୀର୍ଘଶ୍ୱାସ।

ତା'ପରଦିନ ସକାଳୁ ସକାଳୁ ବାବୁନିର ଦେଖା ନାହିଁ। ରାତିରୁ ଉଠି କୁଆଡେ ଯାଇଛି, ଯେ ଯାଇଛି। ଭୋକିଲା ପେଟରେ ବାପା ଖୋଜୁଛି ଚାରିଆଡେ। ପୋଖରୀ ଘାଟରୁ ବଜାର ହାଟ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ପର୍ଯ୍ୟନ୍ତ; ମନ୍ଦିର ବେଢାରୁ ମଶାଣିପଦା ପର୍ଯ୍ୟନ୍ତ। ଶେଯରେ ଶୋଇ ଶୋଇ ବୋଉ ଦୁଇହାତ ଯୋଡି ନେହୁରା ହେଉଛି ପ୍ରଭୂ ଜଗନ୍ନାଥଙ୍କୁ, ମା ମଙ୍ଗଳାଙ୍କୁ। ତା ଦୁଃଖୀ ଶଙ୍ଖାଳି ଭଲରେ ଫେରିଆସୁ ବୋଲି।

ସଞ୍ଜ ଯାଇ ରାତି ହେଲା। ବୋଉ ସେମିତି ଚାହୁଁଛି। ଦୂଆର ମୁହଁରେ ବସି ବାପା ଅନାଇଛି ପୁଅର ଫେରିବା ବାଟକୁ।

ବାବୁନି ଫେରିଲା ଟଳି ଟଳି, ଆଖି ଦି'ଟା ଆହୁରି ଭିତରକୁ ପଶିଯାଇଛି। କେତେ ଦିନରୁ ତେଲ ଲାଗିନଥିବା ଝାଂପୁରା ବାଳ ଉଡୁଛି ଫରଫର ହେଇ। ବାପା ଛାତିରେ ମୁହଁ ଲୁଚେଇ ବାବୁନି କହିଲା;

- ସକାଳୁ ସକାଳୁ ଚୋରୀ କରିବାକୁ ଯାଇଥିଲି ଯେ ବାପା; ଗୋଟେ ହୋଟେଲରେ ପଶିଗଲି। ମାଲିକ ଚଟୁବାଡିରେ ପାହାର ପକାଇଲା। ଗୋଟେ ବଡ ଘର ଫାଟକ ପାଖରେ ଠିଆ ହେଲି, ସେ ଘରର ବାବୁ ଜଣକ ମୋ ପଛରେ କୁକୁର ଲଗେଇଦେଲା। ଗୋଟେ ସିନେମା ହଲ ଭିତରେ ଲୁଚିଗଲି, ଟିକେଟ ବାଲା ଗଳା ଧକ୍କା ଦେଇ ବାହାରକୁ ଠେଲିଦେଲା। ପରିବା ଦୋକାନରୁ କାକୁଡି ଦି'ଟା ଲୁଚେଇ ଆଣିଥିଲି, ଦୋକାନୀ ପଥରଟେ ଫିଙ୍ଗିଲା ଯେ ମୋ ଗୋଡରୁ ମଳିଚମ ବାହାରିଗଲା। ଶେଷରେ ଗୋଟେ କୁନୀ ଝିଅ ହାତରୁ କଣ୍ଢେଇଟେ ଛଡେଇ ଧାଇଁଲି, ତା'ମା ମୋ କାନ ଧରି ପୋଲିସ ଥାନାକୁ ନେଇଗଲା। ଥାନାବାବୁ ମୋତେ ଦେଖି ବିକଳ ହେଲେ, ସାନ ପିଲାଟା କହି ଛାଡିଦେଲେ। ମତେ ଥାନାରେ ରଖିଲେ ନାହିଁକି ଜେଲକୁ ପଠେଇଲେ ନାହିଁ। ଜେଲ ଯାଇଥିଲେ ସିନା ଖାଇବାକୁ ମିଳିଥାନ୍ତା।

ବାପା କୁଣ୍ଢେଇ ଧରିଲା ବାବୁନିକୁ। ତା'ଆଖିରୁ ଧାର ଧାର ଲୁହ ନିଗିଡି ପଡିଲା ବାବୁନିର ମୁଣ୍ଡ ଉପରେ। ଅନ୍ଧାର ଘର ଭିତରୁ ବାଉର ଚାପା କାନ୍ଦଣାର ସ୍ୱର ଶୁଭୁଥିଲା।

ବ୍ରହ୍ମପୁର- ୧୦



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ବର ଖୋଜା ଚାଲିଛି

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରକାଶ ଦୂଆର ମୁହଁଟାରେ ବସିଥିଲା । ସଞ୍ଜବେଳକୁ ସେ ସେମିତି ଥକିପଡି ବସିଯାଏ । ଦିନସାରା ଅନବରତ ବର୍ଷା ଯୋଗୁଁ ଆଜି ପାଗଟା ମଧ୍ୟ ଘୁମେଇଲା ଭଳିଆ ହୋଇଥିଲା । ସେ ବା କଣ କରିଥାଆନ୍ତା, ଅଫିସରୁ ଫେରୁ ଫେରୁ ଶେଯରେ ପଡିବାକୁ ଯାଉଥିବା ବେଳେ ଅଜୟବାବୁଙ୍କ ଫୋନ ଆସିଗଲା । କହିଲେ ଝିଅପାଇଁ ବରପାତ୍ର ଟେ ନେଇ ଆସୁଛନ୍ତି । ଦେଖାଚାହାଁ କରି ଯାଆନ୍ତୁ, ଯଦି ଭଲ ଫଳ ଥିବ, ତେବେ ଆମ ଝିଲ୍ଲିଟା ଏଇ ବର୍ଷାଦିନଟା ଯାଉ ଯାଉ ବିଦା କରିଦେବା ।

ଅବଶ୍ୟ ଝିଲ୍ଲିକୁ ଦେଖିବାପାଇଁ ଆଗରୁ ବିକୋଡି ଉପରେ ପ୍ରସ୍ତାବ ଆସିଚି । ଝିଅଟା ପାଠୁଆ ଆଉ ଚାକିରୀ କରିଚି ବୋଲି ସବୁ ଆସିଛନ୍ତି, ହେଲେ କୋଉଠି ହେଲେ ଜାତକ ସୁଝୁନି । ଆଜିକୁ ଚାରିବର୍ଷ ହେଲାଣି, ବର ପ୍ରସ୍ତାବ ଖୋଜି ଖୋଜି ପ୍ରକାଶର ମୁଣ୍ଡର ସବୁତକ ବାଳ ଧଳା ହେଇଗଲାଣି । ଝିଲ୍ଲି ବୋଉ କହୁଥିଲା, କାଳେ ସେ ଆଜିକାଲି ଝିଲ୍ଲିର ବାପା କମ ଅଜା ବେଶୀ ଦିଶୁଛନ୍ତି ବୋଲି । ଅଫିସରେ ମଧ୍ୟ ସବୁ କୁହକୁହି ହେଉଛନ୍ତି, ପ୍ରକାଶଟାକୁ ଅକାଳ ବାର୍ଦ୍ଧକ୍ୟ ଗ୍ରାସିଲାଣି ବୋଲି । ଲଡୁପଣ୍ଡିତେ ଯାହା ସାହା । ସେ କହିଛନ୍ତି ଏ ସନ ଝିଲ୍ଲିର ବିବାହ ନିଶ୍ଚୟ ହେବ । ଦେଖାଯାଉ କଣ ହେଉଛି ।

ସାଇକେଲଟାକୁ ପିଣ୍ଡା ଉପରକୁ ଉଠାଉଥିଲା ବଣ୍ଟି, ପ୍ରକାଶ ମନା କରିଦେଲା । କହିଲା ଘରକୁ କୁଣିଆ ମଇତ୍ର ଆସିବେ, ସାଇକେଲଟା ତଳେ ଥାଉ । ଅଗତ୍ୟା ବଣ୍ଟି ନଇଁପଡି ସାଇକେଲ ଚକାରେ ଚେନ୍ ପକାଇ ତାଲା ପକାଇବାକୁ ବାଧ୍ୟ ହେଲା । ସାଇକେଲ ହେଣ୍ଡଲରୁ ପୁଡିଆଟାଏ ଧରି ଘର ଭିତରକୁ ଯାଉଥିବା ବେଳେ କହିଲା, ବାପା ଆମେ ଗୋଟେ କାର କିଣିବା ? କୋଉ ମୁଡରେ ଥିଲା କେଜାଣି ପ୍ରକାଶ କହିଲା, "ହୁଁ, ଝିଲ୍ଲି ବାହା ହେଇଗଲା ପରେ ଆମେ ନିଶ୍ଚୟ ଗୋଟେ କାର କିଣିବା ।" ବଣ୍ଟି ମନ ଖୁସିରେ ଘର ଭିତରକୁ ପଳାଇ ଯାଉଥିଲା, ଟିକେ ଅଟକି ଯାଇ କହିଲା, ଗରମ ଝିଲାପି ଦିଟା ଆଣିଚି, ଏଇଠି ଧିରେ ଖାଇପକାଅ ନୋଇଲେ ବୋଉ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଦେଖିଲେ, ମିଳିବନି। ପ୍ରକାଶ ପାଖରେ କଅଁଳ ପତ୍ର ଗୁଡା ହୋଇଥିବା ଝିଲାପୀ ଦିଟା ଥୋଇଦେଇ ବକ୍ଷି ଘର ଭିତରକୁ ଚାଲିଗଲା।

ଝିଲ୍ଲିକୁ ଦେଖିବାପାଇଁ କେହି ଆସିବ ଭାବି ଆଜି ଅଫିସରୁ ଶୀଘ୍ର ପଳାଇ ଆସିଥିଲା ପ୍ରକାଶ। ଏଣେ ଖାଲିଟାରେ ଦୂଆରେ ବସି ବିରକ୍ତ ଲାଗିଲାଣି। ଅଜୟକୁ ଆଉ ଫୋନ କରିବାକୁ ବଳ ପାଉନି। କେତେ ଥର ଅଜୟ ତା'ପାଇଁ ପ୍ରସ୍ତାବ ଆଣିଚି। ହେଲେ ସବୁଥର ଶ୍ରୀମତି ବାଛବିଚାର କରି, ଜାତକ ମିଶାଇ ଆଉ କଣ କଣ କରି ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଛନ୍ତି। ତେଣୁ ଏଥର ଯଦି ପ୍ରସ୍ତାବ ଆସୁଛି, ସେ ବିନା କିଛି ଭାବିଚିନ୍ତି ହଁ କରିଦେବ ବୋଲି ଚିନ୍ତା କଲା।

ଝିଲ୍ଲିକୁ ବୟସ ୨୭ ବତି ୨୮ ହେଲାଣି। ଆଉ କେତେଦିନ ଘରେ ରଖିବା। ଦେଖୁ ଦେଖୁ ଆଉ ପିଲା ମିଳିବେ ନାହିଁ। ତା ବୋଉକୁ କିନ୍ତୁ ପିଲା ଦରକାର ଯିଏ ଅଫିସର ହେଇଥିବ। ପ୍ରକାଶ ଭଳିଆ କ୍ଲର୍କ କିରାଣୀ ହେଇନଥିବ। ମାସକୁ କମସେ କମ ଚାଳିଶି ହଜାର ପାଉଥିବ। ଆଉ ବାପାମା'ର ଗୋଟିଏ ବୋଲି ପୁଅ ହୋଇଥିବ। ନିଜର ବୋଲି ଅତିକମରେ ଶହେ ଭରଣ ଜମିଥିବ। ଦେଖିବାକୁ ରାଜକୁମାର ଭଳିଆ ହେଇଥିବ। ବୋଲହାକକୁ ସବୁବେଳେ ତୟାରଥିବ। ମନରେ ତିଳେ ହେଲେ ଗର୍ବ ନଥିବ। ବାଙ୍ଗାଲୋର ଆଡେ ଚାକିରୀ କରୁଥିବ, ଆଉ ଯେମିତି ବି ହେଉ ବାହା ହେଉ ହେଉ ଝିଲ୍ଲିକୁ ନେଇ ବିଦେଶ ପଳାଇବ। ବୋଇଲେ ଝିଅ ଆଉ ଶାଶୁଗଞ୍ଜଣା ଶୁଣିବ ନାହିଁ। ଏତେ ଗୁଡିଏ ସର୍ତ୍ତ ମଧ୍ୟରେ ଘାଣ୍ଟି ହୋଇ ହୋଇ ଝିଲ୍ଲିଟା ବୁଡୀହେବାକୁ ବସିଲାଣି, ହେଲେ ତା ବୋଉ ଆଖିକୁ ଦିଶୁନି। ଦୁନିଆସାରା ଲୋକ କହିଲେଣି, ଆଉ କେତେ ଦିନ ଘରେ ରଖିବ?

ପାଖ ପଡିଶାଏ କହିଲେଣି କାଳେ ଝିଅ ଚାକିରୀ କରୁଚି, ତା ପଇସାରେ ଚଳିବା ପାଇଁ ବୋପାମା' ବାହା କରୁନାହାନ୍ତି। ଚାରିବର୍ଷ ତଳେ ପ୍ରକାଶର କିଛି ଅସୁବିଧା ନଥିଲା, ଏଇ ଝିଅର ବାହାଘର ଚିନ୍ତାରେ ବ୍ଲଡ ପ୍ରେସର, ସୁଗାର ଆଉ କେତେ କଣ ସବୁ ହେଇଗଲାଣି। ଶେଷ ଥର ଡାକ୍ତର ପାଖକୁ ଯାଇଥିଲା ଯେ ଡାକ୍ତର କହିଲେ କାଳେ ସେ ଡିପ୍ରେସନ୍‌ର ଶୀକାର ହେଲାଣି। ଅଫିସରେ ଜାଣିଲେ ଚାକିରୀରୁ ବାହାର କରିଦେବେ। ସେଇ ଦିନଠୁ ଡାକ୍ତର ପାଖକୁ ଯିବା ବନ୍ଦ କରିଦେଇଛି ସେ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ବୈଠକଘରର ବତୀ ଜଳେଇ ବାହାରକୁ ଆସୁ ଆସୁ ଝିଲ୍ଲି ବୋଉ କହୁଥିଲେ, 'କାଇଁ, କୋଉଠି ଅଛନ୍ତି, ତୁମ ପ୍ରସ୍ତାବ ? କେହି ତ ଆସିଲେନି ? ନା, ଅଜୟବାବୁ ତୁମକୁ ଥଟା କରିଦେଲେ ?' ଝିଲ୍ଲିବୋଉର କଥାଟା ପ୍ରକାଶ ଦେହରେ କଣ୍ଟା ଫୋଡିଲା ପରି ଲାଗୁଥିଲା। କିନ୍ତୁ କୌଣସି କଥା କହିଲେ ଘରେ ଅଯଥାରେ ଝଗଡା ଆରମ୍ଭ ହୋଇଯିବ ଭାବି ପ୍ରକାଶ ସେମିତି ରାସ୍ତା ଆଡକୁ ଅନ୍ୟମନସ୍କ ଭାବେ ଚାହିଁ ରହିଲା। ଝିଅ ବାହାଘର ନହେବା ପଛରେ ପ୍ରକାଶ ବାବୁଙ୍କ ଅପାରଗତାକୁ ପ୍ରକାଶ କରିବାକୁ ଝିଲ୍ଲି ବୋଉ ନିଜର ସ୍ୱତଃପ୍ରାପ୍ତ ଅଧିକାର ବୋଲି ଧରି ନେଇଛି। କେହି ପଚାରିଲେ କହୁଛି, ''ବଡିଲା ଝିଅଟା ଘରେ ଅଛି, ତ' ବାପାକୁ ଚିନ୍ତା ଅଛି କି ?''

ଝିଲ୍ଲିର ବାହାଘର କଥାନେଇ ଘରେ ସବୁଦିନିଆ ଝଗଡାର ସୂତ୍ରପାତ ହୋଇଗଲାଣି। ଅବଶ୍ୟ ପ୍ରକାଶର ନିରବତା ଯୋଗୁଁ ଯୁଦ୍ଧଟା ଶୀତଳ ଅବସ୍ଥାରେ ରହିଛି, କିନ୍ତୁ ସୁପ୍ତ ଅଗ୍ନେୟଗିରି ଯେ ଦିନେ ଉଦ୍‌ଗୀରଣ ହେବନାହିଁ ତାହା କିଏ କହିବ। ମଝିରେ ମଝିରେ ପ୍ରକାଶ ସହର ବାହାରକୁ ଚାଲିଯାଏ, ଏହି ସବୁ କଥା ଯୋଗୁଁ। ରାତି ନ'ଟା ହେବାକୁ ଗଲାଣି। କେହି ବି ଆସିଲେନି। ପ୍ରକାଶ ଘର ଭିତରକୁ ପଶିଲା। ଝିଲ୍ଲିବୋଉ ଚିରାଚରିତ ଢଙ୍ଗରେ ଓହୋ ଆହା ହେଇ ଶେଯରେ ପଡିଛି। ରୋଷେଇଘରେ ଝିଲ୍ଲି ରୁଟି ତିଆରିରେ ଲାଗିଛି। ଆଉ ବର୍ଷି ଟିଭି ଆଗରେ ବସି କଣ ଗୋଟେ ଦେଖୁଛି। ପ୍ରକାଶର ମୁହଁ ବୁଲେଇ ହେଉଥିଲା। ଅବଶ୍ୟ ଆଗରୁ ଅନେକଥର ହୁଏ, ଆଜି କିନ୍ତୁ ଅଧିକ ହେଉଥିଲା। ସେ ସୋଫା ଉପରେ ବସିପଡିଲା, ପୁଅକୁ ସାନ ସୋଫାକୁ ପଠାଇଦେଇ ଗୋଡ ଲମ୍ବାଇ ସେଇଠି ଶୋଇପଡିଲା।

ହାତରେ ତାତିଲା ଚାଉଁ ଲାଗିବାପରେ ସେ ହରବରରେ ଉଠି ଦେଖିଲା, ଝିଲ୍ଲି ଥାଳିରେ ରୁଟି ସନ୍ତୁଳା ନେଇ ଆସିଛି। ବଳ ନଥିଲା ସେତକ ଖାଇବାପାଇଁ। ସେ ବସିଲା ବେଳକୁ ଝିଲ୍ଲି ରୁଟି ଆଉ ସନ୍ତୁଳା ତା ପାଟିରେ ଦେଇଥିଲା। ସେତକ ଖାଉ ଖାଉ ପ୍ରକାଶ ଆଖିରୁ ଲୁହ ଧାରେ ବହିଗଲା। ଝିଲି ଲୁହ ପୋଛି ଦେଇ କହିଲା, '' ମୋ ପାଇଁ କାନ୍ଦୁଛ ? କାହିଁକି ? ମୁଁ ଯଦି ବାହା ହୋଇପାରୁନି, ସେଥିରେ ତୁମ ଦୋଷ କଣ ? ବୋଉ କଥା ଧରନି, ସେ ପାଗଳି ହୋଇଗଲାଣି। ''

ସେ ସଇ ସୋଫା ଉପରେ ଶୋଇଯାଇଥିଲା ପ୍ରକାଶ। ସକାଳ ସାଡେ ସାତଟା ହେବ ପରା



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ବଣ୍ଟି ଟ୍ୟୁସନ୍ ଯିବାକୁ ବାହାରୁଥିବା ବେଳେ ତା ସାଇକେଲର ଝଣଝାଣ ଶବ୍ଦ ଶୁଣି ଉଠିପଡିଲା ସେ। ଆଜି ଆଉ ମର୍ଣ୍ଣିଂ ୱାକ କରି ଯାଇପାରିଲା ନାହିଁ। ପ୍ରସ୍ତୁତ ହୋଇ ବଜାରକୁ ବାହାରି ପଡିଲା। ବଜାରରୁ ସଉଦା କରି ଘରକୁ ଫେରିବା ବେଳେ ଘରେ କୁଣିଆ ଆସି ହାଜର। ଅଜୟବାବୁ ସାଥିରେ ନେଇ ଆସିଥିଲେ ସେହି ପ୍ରସ୍ତାବ ରୂପକ ପୁଅଟିକୁ। ଦେଖିବାକୁ ମନ୍ଦ ନୁହେଁ, ବୟସ ଟିକେ ଅଧିକ ଲାଗୁଥିଲା। ହେଲେ ସମ୍ଭ୍ରାନ୍ତ ଦେଖାଯାଉଥିଲା। ସେ କଥାବାର୍ତ୍ତା କରିବା ପୂର୍ବରୁ ଝିଲ୍ଲି ବୋଉ ଝପଟି ଆସିଥିଲା ପ୍ରଶ୍ନ କରିବାପାଇଁ। ଅଜୟ ବାବୁ ପ୍ରକାଶକୁ ଚାହୁଁଥିଲେ। ପ୍ରକାଶ କହିଲା, "ଯାଅ, ଚା' ଜଳଖିଆ ବ୍ୟବସ୍ଥା କର।"

ଆଜି ପ୍ରକାଶର ସ୍ୱର ଗମ୍ଭୀର ଆଉ ଶକ୍ତ ଥିଲା। ଝିଲ୍ଲିବୋଉ କିଛି କହିନପାରି ଉଠି ଘର ଭିତରକୁ ଚାଲିଗଲା। ରୋଷେଇଘରେ ରାଗ ଗରଗର ହୋଇ ଏପାଖ ସେପାଖ ହେଉଥିଲା। ଝିଲ୍ଲି କହୁଥିଲା, "ତୁ ଟିକେ ଶାନ୍ତିରେ ବସ। ବାପା କଥା ହେଉଛନ୍ତି ପରା।"

ରାଗ ତମତମ ଝିଲ୍ଲି ବୋଉ କହିଲା, "ହୁଁ, ତୋ ବାପା। ଚାରିବର୍ଷ ହେଲା କୋଉଠି ଥିଲେ। ଏବେ ଏତେ ସରାଗ କାହିଁକି ବା। ସେ ଯୋଉଠି କହିଲେ ସେଇଠି ତୋତେ ଦେଇଦେବେ ବୋଇଲେ ମୁଁ ଚୂପ ରହିବିନି।"

ବୈଠକଘରୁ ପ୍ରକାଶ ଡାକ ପକାଉଥିଲା, "ମା ଝିଲ୍ଲି "।

ଝିଲ୍ଲି ସବୁଥର ପରି ସନ୍ତର୍ପଣରେ ପୋଷାକ ପରିପାଟୀ ହୋଇ ଚା ଆଉ ଜଳଖିଆ ଧରି ବୈଠକ ଘରକୁ ଯାଇଥିଲା। ଝିଲ୍ଲିବୋଉ ତା ପଛେ ପଛେ, ଚାଲିଥିଲେ। ଝିଲ୍ଲି ସମସ୍ତଙ୍କୁ ଚା, ଜଳଖିଆ ଦେଇ ଭିତରକୁ ଚାଲି ଯାଉଥିବା ବେଳେ ସେ ପିଲାଟା ପଛରୁ କହିଲା, "ଟିକେ ରୁହ।" ଝିଲି ଅପ୍ରସ୍ତୁତ ହୋଇ ରହିଗଲା। ପ୍ରକାଶ ଅଜୟବାବୁଙ୍କୁ କହିଲେ, ଚାଲ ଆମେ ଟିକେ ବାହାର ବାରଣ୍ଡାରେ ବସିଥିବା, ସେ ଦୁଇଜଣ କଣ ପ୍ରଶ୍ନୋତ୍ତର କରିବେ କରନ୍ତୁ। ଝିଲ୍ଲିବୋଉକୁ ଠାରିଦେଇ ଭିତରକୁ ଯିବାକୁ କହିଲା ପ୍ରକାଶ। ପୁଣିଥରେ ନିଜର ଅପମାନ ହେଲା ଭାବି ଝିଲ୍ଲିବୋଉ ଘର ଭିତରକୁ ଚାଲିଗଲା।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଦଶ ମିନିଟ ପରେ ପିଲାଟା ଘର ବାହାରକୁ ଆସିଲା। ଅଜୟବାବୁଙ୍କ ସହିତ ଚାଲିଯାଉ ଯାଉ କହିଲା, "ମୁଁ ଏ ପ୍ରସ୍ତାବରେ ରାଜି।"

ପ୍ରକାଶ ଘର ଭିତରକୁ ଆସିଲେ। ରୋଷେଇ ଘର ବାରଣ୍ଡାରେ ଝିଲ୍ଲି ମୂର୍ତ୍ତିଭଳିଆ ଠିଆ ହୋଇଥିଲା। ତା ଆଖିକୁ ଚାହିଁଲେ, ସେ ବି ଖୁସିଲାଗୁଥିଲା। ପାଖକୁ ଯାଇ କହିଲେ, "ତୁ କଣ ଚାହୁଁଚ?"ଝିଲ୍ଲି ପ୍ରକାଶକୁ ନ ଚାହିଁ କହିଲା, "ବାପା ଆପଣ ଯାହା ଠିକ ଭାବିବେ। ମୁଁ ସବୁଥିରେ ରାଜି।"

ପୁଣିଥରେ ପ୍ରକାଶ କହିଲା, "ଦେଖ୍ ମା, ଏଇଟା ତୋ ଜୀବନ। ତୁ ଯଦି ଠିକ ଭାବୁଚୁ, ମୁଁ ହଁ କରିବି, ନହେଲେ ନାହିଁ।" ଏତିକି ବେଳେ ଶୋଇବା କକ୍ଷରୁ ଝିଲ୍ଲିବୋଉ ଆସି କହିଲେ, "ହୁଁ ବଡ କାମଟେ କରିଦେଲ। ଖୋଜି ଖୋଜି ଆଣି ଟ୍ରାଭେଲ୍ ଏଜେଣ୍ଟଟେ ଆଣି କହୁଚ କଣ ନା ବାହା କରିଦେବି। ଜମା ହେଇପାରିବ ନାହିଁ। ମୋ ଝିଅକୁ କଣ ବୋଲି ପାଇଲ କି ? ମୁଁ ଏ ବାହାଘରରେ ରାଜି ନାହିଁ।"

ପ୍ରକାଶ ନିରବତାକୁ ଭଙ୍ଗକରି କହିଲା, "ତୁମେ ବାହା ହେଉନ, ତୁମ ଝିଅ ବାହା ହେଉଚି। ତୁମର ଏଇ ବଡ ତାଡିଆ ଠାଣୀ ଯୋଗୁଁ ସବୁ ପ୍ରସ୍ତାବ ଭାଙ୍ଗିଯାଉଛି। ହେଲେ ଏ ପ୍ରସ୍ତାବ ଭାଙ୍ଗିବାକୁ ମୁଁ ଦେବିନି। ତୁମ ଝିଅ ପାଇଁ କୋଉ ଦେଶରୁ ରାଜ କୁମାର ଆସିବେ ବୋଲି ତାକୁ ବୁଢୀକରି ଘରେ ରଖିବି ନାହିଁ।"

ଲାଗୁଥିଲା ଅନେକ ଦିନର ସୁପ୍ତ ଅଗ୍ନେୟଗିରି ଆଜି ଉଦ୍‌ଗୀରଣ ହେବ। ବଣ୍ଟି ଟ୍ୟୁସନ୍‌ରୁ ଫେରି ଆସିଥିଲା। ବାପା ବୋଉଙ୍କ ଉତ୍ୟକ୍ତ ବାର୍ତ୍ତାଳାପକୁ ବନ୍ଦ କରିବା ସମ୍ଭବପର ନଥିଲା। ତେଣୁ ସେ ଚୁପଚାପ ନିଜ କୋଠରୀକୁ ଚାଲିଗଲା। ଦଶଟା ହେବାକୁ ଆସିଲାଣି। ପ୍ରକାଶ ଅଫିସ ଯିବାକୁ ବାହାରିଲାଣି। ତଥାପି ଦି ପ୍ରାଣୀଙ୍କ କଥା କଟାକଟି ଚାଲିଥିଲା। ଝିଲ୍ଲି ଅଫିସ ଯିବାପାଇଁ ବାହାରିଲା। ବାପା ଝିଅ ସ୍କୁଟରରେ ବସି ଚାଲିଗଲେ। ଘରେ ବୋଉଟା ଏକା ଏକା ରାଗ ଗରଗର ହେଇ ଏପାଖ ସେପାଖ ହେଉଥାଏ।



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଏକଥରେ ଘରଟା ଶାନ୍ତ ହେଇଯିବାପରେ ବଣ୍ଟି ନିଜ ବଖରାରୁ ବାହାରକୁ ଆସିଥିଲା। ବାପା ଆଉ ନାନୀ ଅଫିସ ଗଲେଣି ବୋଲି ବୋଉ କହୁଥିଲା। "ଅଫିସ୍" ବଣ୍ଟି ଚମକି ପଡିଥିଲା। "ଆଜିପରା ସଣ୍ଡେ।" ସେ କହୁଥିଲା। ବୋଉ କିଛି ବୁଝିପାରୁନଥିଲା। ଯଦି ରବିବାର ତେବେ ଏ ଦୁଇଜଣ ଗଲେ କୋଉଠିକି ? ବଣ୍ଟି ଚିଡେଇ କରି କହିଲା, "ବୋଧହୁଏ ସୁନା କିଣିବାପାଇଁ ବାହାରିଗଲେ।"

ସଞ୍ଜ ହେଉ ହେଉ ପ୍ରକାଶ ଜାଣିସାରିଥିଲା, ଝିଲ୍ଲିର ବିବାହ ହୋଇପାରିବନି, କାରଣ ବରଟା କାଳେ ବେକାର। ଝିଲ୍ଲୀ ସେଇମିତି ରୋଷେଇ ଘରେ ବ୍ୟସ୍ତଥିଲା, ତା ବୋଉ ଶେଯରେ ପଡି ରୋଗୀମାନଙ୍କ ଭଳିଆ ଓହ ଆହ ହେଉଥିଲା। ଆଉ ପ୍ରକାଶ ଫୋନ କରୁଥିଲା, ଜାଣେନି କାହାକୁ, କାଳେ ବରପାତ୍ରଟେ ମିଳିଯିବ ପରା!!!


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ରମ୍ୟ ରଚନା





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ମାଲିକ (ଚାକରକୁ): -ତତେ ମୁଁ ଏତେ ଗାଳିଦେଉଛି, ତତେ ରାଗ ଲାଗୁନି ?
ଚାକର : - ନାଇଁ ଆଜ୍ଞା। ଆପଣ ରାଗିଲେ ମୁଁ ଟଇଲେଟ୍ ସଫା କରୁଚି। ବାସ୍ ରାଗ ଶାନ୍ତ ହେଇଯାଉଛି ।
ମାଲିକ : - ଟଇଲେଟ୍ ସଫାକଲେ କେମିତି ରାଗ ଶାନ୍ତ ହେଉଚି ?
ଚାକର (ଧିର ସ୍ୱରରେ) : - ଆପଣଙ୍କ ଟୁଥ୍ ବ୍ରଶରେ ସଫା କରିଦେଲେ ହେଇଯାଉଛି।

କୃପଣ ସେଠ୍ ଘରେ କହିଲା, ଯେଉଁ ପିଲା ରାତିରେ ନ ଖାଇ ଶୋଇପଡିବ ମୁଁ ତାକୁ ପାଞ୍ଚ ଟଙ୍କା ଦେବି। ପିଲାମାନେ ପାଞ୍ଚ ପାଞ୍ଚ ଟଙ୍କା ନେଇ ଶୋଇପଡିଲେ। ସକାଳୁ ସକାଳୁ ପିଲେ ଉଠି ଭୋକ ଭୋକ କହିଲା ବେଳେ କହିଲା, ଯିଏ ଖାଇବାକୁ ଚାହୁଁଛ ପାଞ୍ଚ ଟଙ୍କା ଦିଅ।

ଛୋଟ ଝିଅଟେ ତା'ମାକୁ ପଚାରିଲା, ''ମା, କ୍ୱିନ୍ ଏଲିଜାବେଥ୍ ମା ହେବେ ବୋଲି କେମିତି ଜାଣିଲେ?'' ତା'ମା ପ୍ରଶ୍ନର କଣ ଉତ୍ତର ଦେବି ବୋଲି ଭାବୁଥିବା ସମୟରେ ଝିଅର ସାନ ଭଉଣୀ କହିଲା, ''ସେ ପେପର ପଡିଦେଇଥିବେ। ସବୁ ପେପରରେ ତ ଛପା ଦେଇଥିଲା ରାଣୀ ମା ହେବେ ବୋଲି।''

ଖବର କାଗଜକୁ ପଢୁଥିବା ସମୟରେ ଶେଖର ବିଚଳିତ ହୋଇଯିବାର ଦେଖି ପତ୍ନୀ ପଚାରିଲେ, ''କଣ ହେଲା?'' ଶେଖର କହିଲା, ''ଏଇ ଲେଖାଟି ଦେଖିଲ ! ସ୍ତ୍ରୀମାନଙ୍କ ଗପସପ''। ସ୍ତ୍ରୀ କହିଲେ ''ସେଇଠୁ କଣ ହେଲା?'' ଶେଖର ଚିନ୍ତାର ସହିତ କହିଲେ, ''ନାଇଁ ଲେଖାଟା ଅଧା ପୃଷ୍ଠାରେ ସରିଗଲା ଯେ।''


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଟାଉଟର

ଶ୍ରୀ ଶଶୀଭୂଷଣ

"ସେ ଯେତେବେଳେ ଗାଁରୁ ଯାଇଥିଲା, ଦିହଳ ପେଣ୍ଟ୍ ଆଉ ସାର୍ଟ ଛଡା ତା ପାଖରେ ଆଉ କିଛି ନଥିଲା। ମାତ୍ର ଦୁଇଟା ବର୍ଷରେ ସେ କଣ ଏମିତି କରି ପକାଇଲା ଯେ ତାପାଖରେ ଚକମକିଆ ଦୁଇଚକିଆଟେ ଛଡା ହାତରେ ଭାରୀ ମୋବାଇଲ ଫୋନ ଆଉ ମୁହଁରେ ଦାମୀ ଚଷମା ଆସିଗଲା।" ବଳିଆବାପା ତା ପୁଅକୁ କହୁଥିଲା। "ତୋ ସାଙ୍ଗର ସିଏ ଟି। ଦେଖ୍ ସେ କଣ କରୁଚି ଆଜି। ଯା'ତାଠୁ କିଛି ଶିଖ୍।"

ବଳିଆ ମୁହଁରେ ଏକ ବିରକ୍ତିକର ଭାବନାଟେ ଦେଇ ଉଠି ଚାଲିଗଲା। ସଞ୍ଜରେ ଗାଁ ବଡ ପୋଖରୀ ତୁଠରେ ଗହଳି ଦେଖି ବଳିଆର ପାଦ ଅଟକି ଗଲା। ପାଖକୁ ଯାଇ ଦେଖେ ତ ସେଇ ଏକା। ଯାହା ପାଇଁ ଆଜି ଗାଁ ସାରା ହୁଲସ୍ଥୁଲ। ସନିଆ ପଧାନ। ବଳିଆ ସାଙ୍ଗରେ ପଢୁଥିଲା। ମେଟ୍ରିକ୍ ଫେଲ୍ ହେଇଥିଲା। ଦିବର୍ଷ ଚାଷବାସ କଲାପରେ ଦିନେ ହଠାତ୍ ଗାଁରୁ ଅନ୍ତର୍ଧ୍ୟାନ ହେଇଗଲା। ଗଲାବେଳେ କାଳେ ବାପର ସିନ୍ଦୁକରୁ ଟଙ୍କା କେଇ ହଜାର ଚୋରେଇ ନେଇଥିଲା ବୋଲି ଗାଁ ମାଇପେ ଗୁଣୁଗୁଣୁ ହୋଉଥିଲେ। ସେ ଯା'ହେଉ, ଏବେ ସେ ବାପମା'ର ସୁଯୋଗ୍ୟ ସନ୍ତାନ ହେଇଗଲା। ବଳିଆ ଅନିଚ୍ଛା ସତ୍ତ୍ୱେ ପାଦ ବଢାଇଲା ସେ ସଭା ଆଡକୁ। ସବୁ ଚୁପଥାନ୍ତି, ସନିଆ ଅନର୍ଗଳ ଭାଷିଯାଉଥାଏ। ଦିନେ ମୁହଁଖୋର ବୋଲି ଗାଁରେ ଅବଶ୍ୟ ନା'ଥିଲା ତା'ର। ତାକୁ କଥାରେ କିଏ ପାରିଲେ ନାହିଁ।

ବଳିଆ ତୁଠ ହିଡରେ ବସି ଶୁଣୁଥିଲା ସନିଆକଥା। "ମୁଁ ଭାବୁଚି, ଏ ବର୍ଷ ବରଂପୁର (ବ୍ରହ୍ମପୁର) ଯାଇ ଫ୍ଲାଟଟେ କିଣିବି।" ସନିଆ କହୁଥିଲା ବେଳେ ରାମ ଅଟକାଇ କହିଲା "ସେଇଟା କଣ?" ସନିଆ ସାମାନ୍ୟ ମୁରୁକି ହସା ଦେଇ କହିଲା, "ତୁ ଜାଣିବୁ କୁଆଡୁ। ଏଥର ମୋ ସାଙ୍ଗରେ ବରଂପୁର ଯିବା ଚାଲ ଦେଖିବୁ ତୋତେ ଦେଖେଇବି ଫ୍ଲାଟ୍ କଣ। ବୁଝିଲୁ ବଡ ସହର ମାନକରେ ଘର କରିବାକୁ ଆଉ ଜାଗା ନାଇ ବୋଲି ଲୋକମାନେ ଘର ଉପରେ ଘର କରୁଚନ୍ତି, ଆଉ ତାକୁ ଇ କହୁଚନ୍ତି ଫ୍ଲାଟ୍।"



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ରାମ ପୁଣିଥରେ କହିଲା, "ହେଲା ଯେ ଭାଇନା, ଗାଁରେ ତ ଘର ଅଛି, ଆଉ ସହରରେ ଘରଟେ ରଖି କଣ କରିବ?"

ସନିଆ ନିଜ ମୁଖର ପୂର୍ବଭାବ ବଜାୟ ରଖି କହିଲା, "ଆରେ ଏମିତି କିଣିଦେବି। ପଡିଥାଉ। ଦରକାର ହେଲେ ଅଫିସ କରିବି ନଇଲେ, ତୁମେ ସବୁ ଗାଁରୁ ବରଂପୁର ବୁଲିଗଲେ ସେ ଘରେ ଉଠାବସା କରିବ ନି।"

ସବୁ କୁରୁଳୁ ଉଠୁଥିଲେ, ବଳିଆର ଆଉ ମନ ବଳିଲା ନାହିଁ। ସେ ସେଠାରୁ ଉଠି ଚାଲିଲା ଘରକୁ। ତା'ମନରେ ଗୋଟିଏ ପ୍ରଶ୍ନ, ସନିଆ ଏତେ କମ ସମୟରେ ଏତେ ପଇସା ପାଇଲା କୁଆଡୁ। ଗହଳିରେ ବସିଚି ସିଏ, ପଚାରିଲେ କହିବ ନାହିଁ। ତେଣୁ ଏକାକୀ ପାଇଲେ କଥାହେବି ଭାବି ସେ ବାଟକାଟି ଯାଉଥିଲା, ପଛରୁ ସନିଆ ଡାକିଲା, "ହଇରେ ବଳିଆ। କୁଆଡେ ପଳଉଚୁ। ଏତେଦିନରେ ଆଇଚି, କଥାବାର୍ତ୍ତା ନାଇଁ କୁଆଡେ ଯାଉଚୁ?"

ବଳିଆ ଅଟକି ଯାଇ କହିଲା, "ତୁ ତ ସଭାରେ ବସିଚୁ, ତୋତେ କାହିଁକି ଅସୁବିଧା କରିବି ଭାବି ଚାଲି ଯାଉଥିଲି।" ସନିଆ ସମସ୍ତଙ୍କୁ ପଠାଇଦେଇ ବଳିଆ ପାଖକୁ ଆସି କହିଲା, "ଆଉ ତୋ ଖବର କଣ? ନନା କହୁଥିଲେ କାଳେ, ତୁ ବାହା ହେଇଗଲୁ।" ବଳିଆ ସାମାନ୍ୟ ହସିଦେଇ କହିଲା, "ବୋଉଟା ବୁଢୀହେଲାଣି। ତା'କୁ ସାହାଯ୍ୟ କରିବ ବୋଲି ବାହା ହେଇଗଲି।"

ଅନେକ କଥାବାର୍ତ୍ତା ଭିତରେ ବଳିଆର ମନ ଖାଲି ଘାଣ୍ଟିହେଉଥାଏ ପଚାରିବା ପାଇଁ ତୁ ଏତେ ପଇସା ପାଇଲୁ କୋଉଠୁ। କିନ୍ତୁ କେମିତ ପଚାରିବ ତାର ରାହା ପାଉନଥିଲା। ଚେଷ୍ଟା କରୁ କରୁ ପଚାରିଦେଲା, "ଦେଖ୍ ତୁ ଖରାପ ଭାବିବୁନି ବୋଇଲେ ଗୋଟେ କଥା ପଚାରିବି।" ସନିଆ ମୁଣ୍ଡ ଟୁଙ୍ଗାରି ସମ୍ମତି ଦେଲା ପରେ ପଚାରିଲା, "ତୁ ତ ମେଟ୍ରିକ ଫେଲ ହେଇଥିଲୁ, ଏମିତି କି ଚାକିରୀ କରିପକାଇଲୁ ଯେ ଏତେ ଟଙ୍କା ପାଇଗଲୁ।" ସନିଆ ଟିକେ ଚୂପ ହେଇଗଲା, ମାତ୍ର ମୁହଁରେ ସେ ହସ ବଜାୟ ରଖି କହିଲା, "ସହର ଯାଇ ପାଠ ପଢିଲି ନା। ଗ୍ରାଜୁଏସନ କଲି। ଆଉ ଚାକିରୀଟେ ପାଇଲି।" ବଳିଆ ସନ୍ଦିହାନ ହେବାଟା ସ୍ୱାଭାବିକ ଥିଲା, "ମେଟ୍ରିକ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ପରେ ଗ୍ରାଜୁଏସନ?" ସନିଆ କହିଲା, "ସବୁ ସମ୍ଭବ। ତୁ ଚାଲୁନୁ ତୋତେ କରେଇ ଦେବି।" ବଳିଆ ଆଉ ପ୍ରଶ୍ନ ପଚାରିବାରେ ସମୟ ନଷ୍ଟ କରିବାକୁ ଚାହୁଁନଥିଲା, କାରଣ ସେ ଚାହୁଁଥିଲା ଯାହା ସନିଆ ତାହା ଦେଉଥିଲା। ତାକୁ ସାଥିରେ ନେଇ ସହର ଯିବାପାଇଁ କଥା ଦେଉଥିଲା।

ହପ୍ତାଏ ପରେ ବଳିଆ ସନିଆ ସାଥିରେ ବରଂପୁର ବାହାରିଗଲା। ତା ନନା କହିଥିଲା, ଆସିଲା ବେଳକୁ କିଛି ନଇଲେ ମଧ୍ୟ ମୋଟର ସାଇକେଲଟେ ଆଣିବୁ। ବରଂପୁର ପହଞ୍ଚିବାପରେ ସନିଆ ବଳିଆକୁ ସାଥିରେ ନେଇ ଗୋଟେ ଅଫିସ କୁ ଯାଇଥିଲା। ଧୋବଧୋବଳିଆ ପୋଷାକପିନ୍ଧା ବାବୁଜଣେ ବସିଥିଲେ। ସନିଆକୁ ଦେଖୁ ଦେଖୁ ହସିଦେଇ କହିଲେ, "କୋଉଠି ଥିଲ? ଏଠି କେତେ ଡିମାଣ୍ଡ ତମର ଆଉ ତମେ ପୁରା ଗାୟବ।" ସନିଆ ବଳିଆକୁ ଚିହ୍ନା କରେଇ ଦେଇଥିଲା। ବାବୁ କହିଲେ, "ଇଏ କଣ ପାରିବ।"

ସନିଆ କହିଲା, "ମୋ ସାଙ୍ଗଟା ଆଜ୍ଞା। ଗାଁ ସ୍କୁଲରେ ଫାଷ୍ଟ ହଉଥିଲା। ବାବୁ କହିଲେ, "କାମ କରିବ ଯଦି ସିକ୍ୟୁରିଟି ଡୀପୋଜିଟ ଦବ ତ?" ସନିଆ ମୁଣ୍ଡ ଟୁଙ୍ଗାରୀ କହିଲା, "ସେ କଥା ମୁଁ ବୁଝିବି ଆଜ୍ଞା।" ବାସ କେଇ ଘଣ୍ଟା ମଧ୍ୟରେ ବଳିଆକୁ ବେକରେ ପକାଇବାପାଇଁ ହାର ଭଳିଆ ଜିନିଷଟେ ଦିଆଗଲା। ଲେଖାଯାଇଥିଲା। "ଜନ-ପ୍ରତିନିଧି"। ବଳିଆ କହିଲା, "କାମ କଣ?" ସନିଆ ହସିଦେଇ କହିଲା, "ତୁ ହେଲୁ ସାମ୍ବାଦିକ। ସମ୍ବାଦ ଆଣିବୁ ପଇସା ନେବୁ। ବଳିଆ କହିଲା, ହେଲେ ମୋତେ କିଛି ଜଣାନାହିଁ। କଣ କରିବି। ସନିଆ କହିଲା, ମୋ ସାଥିରେ ରହିଲେ ସବୁ ଶିଖିଯିବୁ ନି।" ଘରୁ ଆଣିଥିବା ଦି ହଜାର ଟଙ୍କା ବାବୁଙ୍କ ପାଖରେ ଜିମା ଦେଇ ସାମ୍ବାଦିକ ହେଇଯାଇଥିଲା ବଳିଆ।

ଦିନେ ଗଲା ଦି ଦିନ ଗଲା। ସକାଳୁ ସକାଳୁ ବେଶ ପଡି ଅଫିସରେ ଆସି ବସୁଥାଏ ସେ, ସନିଆ କୁଆଡେ ବାହାରି ଯାଏ, ଆଉ ବେଳଓଡ(ସଞ୍ଜ)କୁ ଦି ତିନିଜଣଙ୍କୁ ଧରି ଆଣି ପହଞ୍ଚାଏ। ସମସ୍ତଙ୍କୁ ବଳିଆଭଳି ବେକରେ ପଘା ପକାଇ ଦିଆଯାଏ। ସବୁ ବଡ ଖୁସିରେ ଆସୁଥାନ୍ତି ଯାଉଥାନ୍ତି। ସାମ୍ବାଦିକ ବୋଲି ଗୋଟେ କାମ ଅଛି ଏଇଟା ବଳିଆ ଜାଣିଥିଲା, ଗାଁରେ ସ୍ୱାଇଁ ମାଷ୍ଟ୍ରେ ଲେଖା ପଠାଇଲେ ଖବର କାଗଜରେ ବାହାରୁଥିଲା। ତେଣୁ ଖାଲି ଖାଲି ବସିବା ଅପେକ୍ଷା



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

କିଛି ଖବର କାଢିବା ପାଇଁ ସେ ମନ ବଳାଇଲା।

ଦିନେ ବାବୁ ତାକୁ ଡକାଇ କହିଲେ, ''ଆଜି ତୁମ କାମ ଅଛି। ଅମୁକ କଲେଜରେ ଉତ୍ସବ ଚାଲିଛି, ଯିବ।'' ବଳିଆ ଭାବିଲା, ସେ ନାଚଗୀତର ଖବର ଆଣିଦେବ। ମନେ ମନେ ଖୁସି ହେଇଗଲା। ଗାଁ ଛାଡିବାର ଦି ହପ୍ତା ହେଲାଣି। ଖାଲିରେ ବସିଥିଲା। ବାବୁ କହିଲେ, ''ତୁମ କାମ ହେଉଛି, ଯାଉ ଯାଉ ପଚାରିବ ସାମ୍ବାଦିକ ମାନଙ୍କ କଥା କିଏ ବୁଝୁଛନ୍ତି। ଆଉ ଯିଏ ବି ବାବୁ ବୁଝୁଥିବେ ତାଙ୍କୁ କହିବ ମୁଁ ଅମୁକ ସମ୍ବାଦ ଅଫିସରୁ ଆସିଚି। ସେ ବାବୁ ତୁମକୁ ଖାତା କଲମ ଧରେଇଦେବେ। ପକେଟ ଗୁଞ୍ଜଣାଟା ଯଦି ଦେଲେ ଠିକ୍ ଅଛି ନହେଲେ ସିଧା କହିଦେବ, ଆମର ରେଟ୍ ହେଉଚି ପାଞ୍ଚ ଶହ।'' ବଳିଆ କିଛି ବୁଝିପାରୁନଥିଲା। ବାବୁ କହିଲେ ଆଜି ତୁମର ପ୍ରଥମ କାମ। ଦେଖ ଯଦି ପାଞ୍ଚଶ' ଆଣୁଚ ଦୁଇଶହ ତୁମର। ବଳିଆ ଉଠି ଚାଲିଲା।

ସଞ୍ଜବେଳକୁ ପକେଟରେ ଦୁଇଶହ ପଡିଥିଲା ତା'ର। ପ୍ରଥମ ଆୟ। ଅବଶ୍ୟ ଏଇ ପାଞ୍ଚଶ ପାଇବା ପାଇଁ ସେ କଲେଜରେ ତା ଭଳିଆ ଆଉ ଅନେକ ଲୋକଙ୍କୁ ସେ ଦେଖିଥିଲା ସେଇଠି। ହେଲେ ସହଜରେ ପାଞ୍ଚଶହ ପାଇ ଯାଇଥିଲା ସେ।

ରାତିରେ ଶେଯରେ ଶୋଇ ଶୋଇ ଘରର ଛାତକୁ ଦେଖି ମନେ ମନେ ଭାବୁଥିଲା, ବରଂପୁରରେ ଫ୍ଲାଟଟେ କିଣିବ ବୋଲି।



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଆମ ଗାଁ ହାଲଚାଲ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଆମ ଗାଁ ହାଲଚାଲ

ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଦିପହର ବେଳକୁ ବିଲରୁ ହଳଧରି ଫେରୁଥିଲା ସୀମା। ପଧାନ ପୁଅ ରମେଶ କହିଲା, "କିରେ ତୁ କୁଆଡେ ଯାଇଥିଲୁ। ସଭେଁତେ ତତେ ଖୋଜୁଥିଲେ। ଚାଲ ଶୀଘ୍ର ଶୀଘ୍ର ଇସ୍କୁଲକୁ ଯିବା।" ସୀମା କିଛି ବୁଝିନପାରି କହିଲା "ଇସ୍କୁଲ୍ ? କିସ ପାଇଁ ଇସ୍କୁଲ ଯିବା ?" ରମେଶ କହିଲା "ଜେନା ମାଷ୍ଟ୍ରଟା କୁଆଡେ ବଦଳି ହେଇଯାଇଚି। ସେଇଥିଲାଗି ଗାଁ ବାଲାଏ ଇସ୍କୁଲୁରେ ମେଟିଂ କରୁଚେନ୍ତି।" ସୀମା ତରତରରେ ପାଦ ପକାଇ ଘରକୁ ଗଲା। ଆଉ ଖାଇବା ରୁଚିଲା ନି। ସିଧା ଚାଲିଲା ଗାଁ ସ୍କୁଲକୁ।

ସ୍କୁଲ ବାରଣ୍ଡାରେ ଆଜି ଘୋ ଘୋ ମଣିଷ। ପାଦ ପକାଇବାକୁ ସ୍ଥାନ ନାହିଁ। କାର୍ଜି କରଣେ ଚଉକି ପକେଇ ବସିଚନ୍ତି। ଗାଁଲୋକ ସବୁ କିଏ କୋଉଠି ଥାନ ପାଇଲେ ବସିଲେ, ଆଉ ଗଣ୍ଡେ ଘାସ ଉପରେ ବସିଚନ୍ତି। ଶ୍ରେଣୀରେ ବସିଥିବା ପିଲାମାନେ ପାଠ ପଡା ଛାଡି ଝରକା ପାଖକୁ ଆସି ଜମା ହେଇଚନ୍ତି। ପ୍ରଧାନ ଶିକ୍ଷକ ମିଶ୍ର ଆଜ୍ଞା, କାର୍ଜିଙ୍କ ସହ କଣ କଥା ହେଉଛନ୍ତି। ତେଣେ ପ୍ରହରାଜ ଆଜ୍ଞା ମଝିରେ ମଝିରେ ରଡିଟାଏ ଛାଡି ଦେଉଛନ୍ତି ପିଲାଙ୍କୁ ଚୁପ କରାଇବା ପାଇଁ। ସୀମା ଆସିଲାବେଳକୁ ସ୍କୁଲ ଭିତରେ ପଶିବାକୁ ଆଉ ଜାଗା ନାହିଁ।

ଜେନା ଆଜ୍ଞା କାହିଁ କୁଆଡେ ଦିଶୁନାହାନ୍ତି। ସିଏ କୁଆଡେ ଛୁଟିରେ ଯାଇଚନ୍ତି। ବଦଳି ହେଇଚି, କୋଳଥିଆ ପଦର ଗାଁକୁ, ବୋଧହୁଏ ଜିନିଷପତ୍ର ବନ୍ଧାବନ୍ଧି କରିବାପାଇଁ ଛୁଟିରେ ଅଛନ୍ତି। ଏଇଠୁ ଅଶୀ ମାଇଲ ଦୂର ସେ ଜାଗା। ମାଷ୍ଟ୍ରଙ୍କ ଦି'ଟା ପୁଅ। ଗାଁ ସ୍କୁଲରେ ପଢୁଥିଲେ। ମହାନ୍ତିଘରେ ଭଡାରେ ରହୁଥିଲେ ସେ। ଦଶବର୍ଷ ହେଇଗଲାଣି। ମହାନ୍ତିଘର ପୁଅ ନଥିବାରୁ ମାଷ୍ଟ୍ରେ କାଳେ ମହାନ୍ତି ଘରର ସବୁ କାମଧାମ ବି କରି ଦେଉଥିଲେ ବୋଲି ଶୁଣାଯାଉଥିଲା। ଭାରୀ ଭଦ୍ରଲୋକ ଜେନା ଆଜ୍ଞା। କାଠି କୁଟାକୁ ଖଣ୍ଡ କରିବେନି। ମାଛି କୁ ମ' କହିବେନି। ରାସ୍ତାରେ ଯିବାବେଳେ ତାଙ୍କୁ ଦେଖିବାଲୋକ ମାଷ୍ଟ୍ରଙ୍କ ଉପରେ ବିଶ୍ୱାସ କରିବ ଆଉ ସମ୍ମାନ ବି ଦେବାକୁ ବାଧ୍ୟ ହୋଇଯିବ। ପିଲାଙ୍କୁ ଏତେ ସ୍ନେହ କରନ୍ତି ଯେ, ସବୁ ପିଲା ତାଙ୍କରୁ କ୍ଲାସରେ ହିଁ



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଚୁପଚାପ ବସି ପାଠ ପଢନ୍ତି। ଇଂରେଜୀ ପଢଉଥିଲେ ମାଷ୍ଟ୍ରେ।

ଦଶବର୍ଷ ତଳେ ମାଷ୍ଟ୍ରେ ଯେତେବେଳେ ନୂଆ ନୂଆ ଗାଁକୁ ଆସିଥିଲେ, ସେତେବେଳେ ଆମ ଗାଁରେ କେହି ଇଂରେଜୀ ଭାଷାରେ କଥା ହେବାର ଆମେ ଶୁଣିନଥିଲୁ। ମାଷ୍ଟ୍ରେ ଆସିବାର ବର୍ଷକପରେ ଆମ ଗାଁ ପିଲେ ଗାଁ ଦାଣ୍ଡରେ କିସ କିସ "ଟ୍ୱିଙ୍କଲ ଟ୍ୱିଙ୍କଲ " ଗୀତ ଗାଇ ବୁଲିବା ଦେଖିଲୁ। ବାହା ସାହା ହେଲେ ଗାଁ ଘର ବାହାରେ ଓଡିଆରେ ସ୍ୱାଗତଂ ସାଙ୍ଗକୁ ଇଂରେଜୀରେ ବି ଲେଖା ହେଲା। ମାଷ୍ଟ୍ରେ ଚିତ୍ର ବି ଭଲ ଆଙ୍କୁଥିଲେ। ଲୋକେ ଡାକିଲେ ତାଙ୍କ ଦୁଆରେ ଇଂରେଜୀ ଭାଷାରେ ଅମୁକ ସମୁକକୁ ବାହା ହେଉଚି ବୋଲି ଲେଖି ଦେଉଥିଲେ। ଅବଶ୍ୟ ଏଥିପାଇଁ ପାଞ୍ଚଖଣ୍ଡ ଗାଁରେ ଆମ ଗାଁ ଆଗରେ ଥିଲା। ବାହର ଗାଁରୁ ଲୋକେ ଆସି ମାଷ୍ଟ୍ରଙ୍କୁ ଡାକୁଥିଲେ ଇଂରେଜୀରେ ଲେଖାଲେଖି କରିବାପାଇଁ। କାହାର ଚିଠି ଆସିଲା, କାହର ଟେଲିଗ୍ରାମ ସବୁ ମାଷ୍ଟ୍ରେ ହିଁ ପଢୁଥିଲେ। ପିଲାଙ୍କୁ ଟ୍ୟୁସନ କରିବା ଯେବେଠୁ ଆରମ୍ଭ କଲେ ସେବେଠୁ ଆମ ଗାଁ ସ୍କୁଲରେ ପିଲା ଫେଲ ହେବା ବନ୍ଦ ହେଲେ। ସବୁ ପିଲାଙ୍କୁ ସଫା ସୁତରା ରଖିବା ସୂତ୍ର ସେ ଆରମ୍ଭ କଲେ। ଧୋବ ଫରଫର ସାର୍ଟକୁ ନୀଳ ରଙ୍ଗର ପେଣ୍ଟୁ ପିନ୍ଧି ପିଲାଏ ପଙ୍ଗପାଳ ପରି ସ୍କୁଲକୁ ଯିବାର ଦେଖି, ଗାଁର ବରିଷ୍ଠ କିଛି ଲୋକ ଅତି ଖୁସି ହେଇ ମାଷ୍ଟ୍ରଙ୍କୁ କୋଟି ପରମାୟୁର ଆଶୀର୍ବାଦ ବି ଦେଇଥିଲେ।

ମୋର ମନେ ଅଛି, ଯେତେବେଳେ ଚତୁର୍ଥ ଶ୍ରେଣୀରେ ଆମେ ସବୁ ପ୍ରବେଶ କରୁଥିଲୁ ସେତେବେଳେ ଇଂରେଜୀ ଆସିବ ବୋଲି ଡରିକି ଥିଲୁ। ଏ ବି ସି ଡି ତ ସମସ୍ତେ ଶିଖିଦିଅନ୍ତି, ହେଲେ ଇଂରେଜୀରେ ଶବ୍ଦ ଧାତୁ କେମିତି ଶିଖିବୁ ତାହା ଚିନ୍ତାର ବିଷୟ ଥିଲା। ମାଷ୍ଟ୍ରେ ସମସ୍ତଙ୍କୁ ଗୋଟିଏ ଗୋଟିଏ ଚଟି ଖାତା କରିବା ପାଇଁ କହିଥିଲେ। ପ୍ରତିଦିନ ସ୍କୁଲରେ ସେ ଗୋଟିଏ ନୂଆ କଥା ଶିଖାନ୍ତି ଆଉ ତାକୁ ଚଟି ଖାତାରେ ଉତାରିବାପାଇଁ ନିର୍ଦ୍ଦେଶ ଦିଅନ୍ତି। ତାକୁ ସଞ୍ଜରେ ଦଶଥର ପଢିବାପାଇଁ ବିଶେଷ ଆଦେଶ ଥାଏ, ପୁଣି ଦ୍ୱୀତୀଅ ଦିନ ସ୍କୁଲ ଆସିବା ପୂର୍ବରୁ ପୁଣି ପାଞ୍ଚଥର ତାକୁ ପଢି ଆସିବ ବୋଲି କହିଥାନ୍ତି। କିଏ କଣ ଶିଖିଲେ ନ ଶିଖିଲେ ଜାଣିନି, ହେଲେ ଆମ କ୍ଲାସରେ ଆମେ ଦଶ ବାର ଜଣ ଇଂରେଜୀରେ ହାଲୋ ହାଏ କହିବା ଶିଖିଯାଇଥିଲୁ। ଗାଁ ଦାଣ୍ଡରେ ଚାଲି ଗଲାବେଳେ ମହାନ୍ତି ଘର ବୁଢାକୁ ଉଚ୍ଚ ପାଟିରେ "ହାଉ ଆର ୟୁ?" ବୋଲି ପଚାରିଲା ପରେ ସେ ଆଁଟା କରି ଆମକୁ ଦେଖୁଥିବା ଦୃଶ୍ୟ ଆମକୁ ଅନେକ ଥର ଆମୋଦିତ


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

କରିଛି। ଘରକୁ ଗଲାପରେ ବାପାବୋଉଙ୍କୁ "ହ୍ୱାଟ ଇଜ ୟୁର ନେମ?" ପଚାରି ଆଶ୍ଚର୍ଯ୍ୟାନ୍ୱିତ କରିବାର ଦକ୍ଷତା ଆମକୁ ଜେନା ମାଷ୍ଟ୍ରେ ହିଁ ଦେଇଥିଲେ। ଆମେ ଉଚ୍ଚ ମାଧ୍ୟମିକ ରୁ ହାଇସ୍କୁଲକୁ ଆସିଲୁ। ହେଲେ ଜେନା ମାଷ୍ଟ୍ରେ ଆମର ଏବେ ବି ପ୍ରିୟ ଥିଲେ।

ଗହଳିକୁ ଠେଲି ପେଲି ଜେନାମାଷ୍ଟ୍ରେ ଆସି ପହଞ୍ଚିଲେ। ତାଙ୍କପାଇଁ ସଭା ହେଉଛି ଜାଣି ଆଶ୍ଚର୍ଯ୍ୟ ହେଲେ। ସ୍ୱଭାବ ସୁଲଭ ଧିର ସ୍ୱରରେ କହିଲେ, "ଏଇଟା ତ ନିୟମ। ମୁଁ ଚାକିରୀ କରୁଛି। ଏଇ ଗାଁରେ ଦଶ ବର୍ଷ ରହିଲି। ମୋର ଦ୍ୱାରା ଯାହା ସମ୍ଭବ ହେଲା କରିଲି। ଏବେ ସରକାର ମୋତେ ଆଉ ଗୋଟିଏ ଗାଁକୁ ପଠାଉଚନ୍ତି, ଯେତେବେଳେ ଯିବାଟା ମୋର କର୍ତ୍ତବ୍ୟ।" ସଭାରେ ନୀରବତା ଦେଖାଦେଲା। ହେଲେ ପଛରୁ ଚାରେଣୀ କହିଲା, "ନାଇଁ ନାଇଁ ସେମିତି ହେଇପାରିବନି। ଆଜ୍ଞା ଆମ ଗାଁ ନୋକ। ଆମ ଗାଁରେ ରହିବେ। ଆମ ଗାଁ ଇସ୍କୁଲ ଛାଡି ଆଉ କୋଉଠିକି ଯିବେ ନି।" ମାଷ୍ଟ୍ରେ ସାମାନ୍ୟ ହସିଦେଇ କହିଲେ, "ତୁମର ସ୍ନେହ ଦେଖି ମୋତେ ଖୁସି ଲାଗୁଛି ଅବଶ୍ୟ। ଭାବୁଛି, ମୋର କର୍ତ୍ତବ୍ୟରେ ମୁଁ ଅବହେଳା କରିନାହିଁ। ତୁମ ମାନଙ୍କ ଏଇ ସ୍ନେହ ଆଉ ବଡ ମାନଙ୍କ ଆଶୀର୍ବାଦ ନେଇ ମୁଁ ପୁଣି ଗୋଟିଏ ନୂଆଁ ଜାଗାରେ ଶିକ୍ଷକତା କରିବି। ଆଶା କରିବି ସେଇଠି ମଧ୍ୟ ତୁମପରି ସ୍ନେହୀ ଛାତ୍ର ମୋତେ ମିଳିବେ।"

ଆଉ କିଏ କିଛି କହିବା ଭଳି ଲାଗୁନଥିଲା । କାର୍ଜିଏ କହିଲେ, "ସେ କଥା ସତ ଯେ ଆପଣ କର୍ତ୍ତବ୍ୟ ଯୋଗୁଁ ବନ୍ଧା, ସରକାର ଯୁଆଡେ କହିବେ ଯିବେ। ହେଲେ ମାଷ୍ଟ୍ରେ ଯିବାଟା କଣ ଜରୁରୀ। ଆମେ ଚାହୁଁଛୁ, ଆପଣ ଆମ ଗାଁରେ ହିଁ ରହନ୍ତୁ। ଏଇଠି ଶିକ୍ଷାଦାନ କରନ୍ତୁ। ଆମ ଗାଁ ପିଲାଙ୍କ ଭାଗ୍ୟ ପରିବର୍ତ୍ତନ କରନ୍ତୁ।"

କରଣେ କହିଲେ, "ଭାଇନା ଯାହା କହିଲେ ସତ କଥା। ଆପଣ କୁଆଡେ ଯିବା ଦରକାର ନାହିଁ। ଏଇ ଗାଁରେ ରହି ଆପଣ ଆମ ପିଲାଙ୍କୁ ପଡାନ୍ତୁ। ଆପଣଙ୍କୁ ଆମେ ଛାଡିବୁ ନାହିଁ।"

ଜେନା ଆଜ୍ଞା କିସ କହିବେ ବୋଲି ଯାଉଥିଲେ, ଏତିକି ବେଳେ ସଭାରେ ଚାପା ଗୁଞ୍ଜରଣ ସୃଷ୍ଟିହେଲା। "ହଁ ହଁ ଆମେ ଯିବାକୁ ଦେବୁ ନାହିଁ। ଦେବୁ ନାହିଁ।"



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଅପରାହ୍ନରେ ସଭା ସରିଲା ଯେ ଯା'ଘରକୁ ଗଲେ। ପିଲାଏ ବି ଆଜି ଅଧାଦିନ ସ୍କୁଲପରେ ଘରକୁ ପଳାଇଲେ। ହେଡ ଆଜ୍ଞା (ପ୍ରଧାନ ଶିକ୍ଷକ) ଜେନା ଆଜ୍ଞା, ପ୍ରହରାଜ ଆଜ୍ଞା ସବୁ ବସି ଚିନ୍ତା କରୁଛନ୍ତି। ଜେନା ଆଜ୍ଞା କାଳେ କୋଳଥିଆପଦର ସ୍କୁଲକୁ ଯାଇ ଦେଖି ଆସିଛନ୍ତି ବୋଲି କହିଲେ। ଅବସ୍ଥା ଭାରୀ ସଂକଟପୂର୍ଣ୍ଣ ସେଠାରେ। ସ୍କୁଲରେ  କାଳେ ଦୁଇଜଣ ଶିକ୍ଷକ, ସେଥିରୁ ଜଣେ ଅବୈତନିକ। ତେଣୁ ପାଠ ପଢାର ଯାହା ଅବସ୍ଥା ହେଉଥିବ। ଜେନା ଆଜ୍ଞା କହୁଥିଲେ ସେ କାଳେ ସେଠାକୁ ଯିବାକୁ ଇଚ୍ଛୁକ।

ସ୍କୁଲ ବନ୍ଦହେଲାଣି। ମାଷ୍ଟ୍ରେମାନେ ଗାଁ ବସଷ୍ଟାଣ୍ଡରେ ଚା'ଦୋକାନ ପାଖରେ ଠିଆ ହେଇ କଥା ହେଉଛନ୍ତି। ଚାରେଣୀ କାନେଇଛି ମାଷ୍ଟ୍ରେ କଣ କହୁଛନ୍ତି। ଜେନା ଆଜ୍ଞା କାଳେ କୋଳଥିଆ ପଦର ଯିବେ ବୋଲି କହୁଥିବ କଥା ଶୁଣି ସେ ଆହୁରି ପାଖକୁଯାଇ ସବୁ ଶୁଣିବାକୁ ଚେଷ୍ଟା କଲା। ସେ ଏବେ ଜାଣିଗଲା ଯେ ଜେନା ଆଜ୍ଞା ଏକା ଯିବାକୁ ଅଡୁଚନ୍ତି। ହେଡ ଆଜ୍ଞା କହିଲେ, କାଲି ସକାଳୁ କାଳେ ସେ ସବୁ ଅଫିସ କାମ ସାରିଦେବେ, ତା'ପରେ ଜେନା ଆଜ୍ଞା ଯାଇପାରିବେ। ବଡ ଅସୁବିଧା କଥା।

ସଞ୍ଜବେଳକୁ ଗାଁ ପୋଖରୀ ତୁଠପାଖରେ ବସି ଗାଁ ଟୋକାଏ ଚର୍ଚ୍ଚା କରୁଥିଲେ। ଚାରେଣୀର ନେତୃତ୍ୱରେ ସମସ୍ତେ ଗୋଟିଏ ନିଷ୍ପତ୍ତି ନେଇଥିଲେ। କାଲି ସକାଳୁ ସକାଳୁ ଗାଁ ପିଲେ ମିଶି ସ୍କୁଲରେ ତାଲା ପକାଇବେ। ଜେନା ଆଜ୍ଞାଙ୍କୁ ଯିବାକୁ ଦେବେନି। ରାତିରେ କୋଠଘରେ ମୃଦଙ୍ଗ ଆଉ ଝାଞ୍ଜ ଧରି ଭଜନା ଗାଇଲା ବେଳେ ବି ଏଇ ଏକା କଥା ଚାଲିଲା। କାର୍ଜି କରଣେ ନୀରବରେ ସମର୍ଥନ ଯୋଗାଇ ଦେଲେ। କହିଲେ ଗାଁ ଲୋକେ ଯାହା ଚାହିଁବେ ତାହା ହିଁ ହେଉ। ଜେନା ଆଜ୍ଞାଙ୍କ ପରି ଜ୍ଞାନୀ ଆଉ ଗୁଣୀ ଶିକ୍ଷକ ପାଇବା କାହୁଁ।

ସକାଳ ହେଲା, ଆଜି କେହି ହଳଧରି ବିଲକୁ ଯାଉନଥିଲେ। ପଧାନଘର ବୁଢା କହିଲା, "କିରେ ହଳ ବୁଲେଇବନି କି ଆଜି ? କିଏ କୁଆଡେ ଯାଉନ ଯେ ?" ତା ନାତି ଏକା (ଏକାଦଶିଆ) କହିଲା, "ଆଜି ବିଲକୁ ଯିବାର ନାହିଁ। ଆଜିପରା ମାଷ୍ଟ୍ରେ ପଳେଇବେ ବୋଲି ଶୁଣୁଚ। ଆମେ କେମିତି ବିଲକୁ ଯିବୁ ? ମାଷ୍ଟ୍ରଙ୍କୁ ଗାଁରେ ରଖିବା ପରେ ହିଁ କିଏ କୁଆଡେ ଯିବ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଦଶଟା ବାଜିଲାଣି। ଟୋକା ଟାକଳିଆ ମାନେ ସ୍କୁଲ ବାହାରେ ଠିଆ ହେଇଛନ୍ତି। ହେଡ ଆଜ୍ଞା ଆସି ସ୍କୁଲର ଗେଟ ଖୋଲି ଭିତରକୁ ଗଲେ, ତାଙ୍କ ପଛେ ପଛେ ସବୁ ମାଷ୍ଟ୍ରମାନେ ଯାଉଚନ୍ତି। ଜେନା ଆଜ୍ଞା ବି ଆସିଲେ। ଜେନା ଆଜ୍ଞା ଆସିବ ଦେଖି, ଚାରେଣୀର ନିର୍ଦ୍ଦେଶରେ ଗେଟକୁ ବନ୍ଦ କରିଦିଆଗଲା। ଜେନା ଆଜ୍ଞାଙ୍କୁ ଭିତରକୁ ଯିବାକୁ ଦିଆଗଲା ନାହିଁ। ମାଷ୍ଟ୍ରେ କେତ ବୁଝେଇଲେ ବି କେହି ଶୁଣିବା ଲୋକ ନାହାନ୍ତି। ମାଷ୍ଟ୍ରେ ଗେଟ ବାହାରେ ଅଛନ୍ତି। ତେଣେ ସ୍କୁଲ ଭିତରେ ହତାରେ ମାଷ୍ଟ୍ରମାନେ ଠିଆ ହୋଇ ନିରପରାଧ ଭାବେ ବନ୍ଦୀ ହୋଇଥିବାରୁ କଣ କରାଯିବ ଚିନ୍ତା କରୁଚନ୍ତି।

ହେଡ ଆଜ୍ଞା ନିରୁପାୟ ହେଇ ଉଚ୍ଚ ଅଧିକାରୀଙ୍କୁ ଫୋନ କଲେ। ସବୁ କଥା କହିଲେ। ସେ ବି କହିଲେ, "ମୁଁ ନିରୁପାୟ। ଅଡରଟା କାଳେ ଉପରୁ ଆସିଚି। ଯିବାକୁ ତ ପଡିବ। ଅନ୍ୟ ଉପାୟ ନାହିଁ। ହଁ ଯଦି ମନ୍ତ୍ରୀ ସ୍ତରରେ କେହି ଚିହ୍ନାପରିଚୟ ଥାଏ ତେବେ ତାଙ୍କ ବଦଳିଟା ବାତିଲ ହେଇପାରିବ। କିନ୍ତୁ ଖର୍ଚ୍ଚ ଲାଗିବ।" ମାଷ୍ଟ୍ରେ ଫୋନ ରଖିଦେଇ ମୁଣ୍ଡରେ ହାତ ଦେଇ ବସିପଡିଲେ। ପ୍ରହରାଜ ଆଜ୍ଞା ଚିନ୍ତାର କାରଣ ପଚାରିବା ପରେ କହିଲେ, "ମନ୍ତ୍ରୀଙ୍କୁ ହାତଗୁଞ୍ଜା ଦେଲେ ଯାଇ, ଜେନାବାବୁଙ୍କ ବଦଳି ବାତିଲ ହେବ।"

ପ୍ରହରାଜ ଆଜ୍ଞା କହିଲେ, "ଏଇ କଥାଟା ଗାଁ ଲୋକଙ୍କୁ ଜଣେଇ ଦିଅନ୍ତୁ। ସେମାନେ ବୁଝିଯିବେ। ଆଉ ଜେନାବାବୁ ତ ଯିବାପାଇଁ ଗୋଡ ଟେକି ବସିଚନ୍ତି। ଯାଆନ୍ତୁ।"

ଗେଟ୍ ବାହାରେ କୋଳାହଳ। ଜେନା ଆଜ୍ଞା ଚା'ଦୋକାନରେ ବସି ଚା'ପିଉ ପିଉ କହୁଛନ୍ତି, ବଦଳିଟା ବନ୍ଦ ହେଇ ପାରିବନି। ସରକାର କାଳେ ନିୟମ କରିଚନ୍ତି, ଦଶବର୍ଷରୁ ଅଧିକ ସମୟ ଗୋଟେ ଜାଗାରେ କେହି ବି ଚାକିରୀ କରି ପାରିବନି। ଚାକିରୀ କରିବା ଲୋକ କାଳେ ଗୋଟେ ଢିଙ୍କି। ଯୋଉଠିକୁ ଗଲେ ବି ସେଇ ଏକା କାମ। ପାଠ ପଢାଇବା ତାଙ୍କର କର୍ତ୍ତବ୍ୟ। ଏଇ ଗାଁରେ ଦଶ ବର୍ଷ ରହି ସେ ଯେଉଁ ଶିକ୍ଷା ଦେଇଛନ୍ତି, ତାହା ଯଦି ସୁଫଳ ହେଇଚି, ତା'ହେଲେ ଅନ୍ୟ ଗାଁ ଲୋକ ମାନେ ବି କାହିଁକି ସେଇ ଏକା ଶିକ୍ଷାର ଲାଭ ନ ପାଇବେ ?

ମାଷ୍ଟ୍ରଙ୍କ କଥାରେ ଓଜନଥିଲା। ଗାଁ ପିଲେ ସବୁ ମାଷ୍ଟ୍ରଙ୍କୁ ଘେରିଯାଇ କଥା ଶୁଣୁଥିଲେ।



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ଏତିକି ବେଳେ ସ୍କୁଲ ଭିତରୁ ପ୍ରହରାଜ ଆଜ୍ଞା ଆସି କହିଲେ, ମନ୍ତ୍ରୀକାଳେ ବଦଳି କରିଦେଇଚନ୍ତି। ଯଦି କିଏ ମନ୍ତ୍ରୀଙ୍କୁ ଜାଣିଚ ବୋଇଲେ ଯାଇକି କୁହ, ବଦଳିଟା ବନ୍ଦ ହେଇପାରେ। ଦରକାର ହେଲେ କିଛି ଦିଆନିଆ କରି ବଦଳି ବାତିଲ କରାଅ। ମନ୍ତ୍ରୀ କଥା ଶୁଣି ସବୁଟିକେ ଥଣ୍ଡା ପଡିଗଲେ। କାର୍ଜି କରଣ ଦୁଆରେ ଭିଡ ଜମା ହେଇଥିଲା। କାର୍ଜିଏ କହିଲେ, "ରାଜଧାନୀ ଗଲେ ହେବ। ଦେଖିବା କଣ ହେଇପାରୁଛି।" କରଣେ କହିଲେ, "ଭାଇନା ସେ କଣ ତୁମ କଥାରେ ରାଜି ହେଇଯିବେ ? ନେତା ଲୋକ, ନେବେ ନିଶ୍ଚୟ। କଣ କେତେ ଦେଇପାରିବା ଆମେ ଆଗ ନିଷ୍ପତ୍ତି କର।" ସେ ଯା ହେଉ କୋଠଘରୁ ଖର୍ଚ୍ଚା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସଞ୍ଜବେଳେ ଚପଳା (ଆଗ ଚପଳା ନାଁରେ ପୁରୀ ଶ୍ରୀମନ୍ଦିର ତରଫରୁ ବସ ଚାଲୁଥିଲା) ବସରେ ବସି କାର୍ଜିଏ ରାଜଧାନୀ ଗଲେ।

ପରଦିନ ସଞ୍ଜବେଳକ ଗାଁ ବସଷ୍ଟାଣ୍ଡରେ ଓହ୍ଲାଇଲେ ସେ। ମନ୍ତ୍ରୀଙ୍କ ସହ ଦେଖାସାକ୍ଷାତ ହେଇଥିଲା। ମନ୍ତ୍ରୀ କିନ୍ତୁ ମନା କରିଦେଲେ। ଦିଆନିଆ କଥା କହିଲା ପରେ ବି କହିଲେ କାଳେ ଏଇ ଆଦେଶ ଖୋଦ୍ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ଗାଁରେ ଶୋକର ବାତାବରଣ ହେଇଗଲା। ଜେନା ଆଜ୍ଞା ଏବେ ନିଶ୍ଚିନ୍ତ ଥିଲେ। ସେ କାଳେ ଘରର ସାମାନ ପତ୍ର ସବୁ ବନ୍ଧାବନ୍ଧିରେ ଲାଗିଥିଲେ। ହେଡ ଆଜ୍ଞା କହିଲେ, ଶନିବାର ଅପରାହ୍ନରେ ମାଷ୍ଟ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯିବ। ଶନିବାର ଦିନ ସକାଳୁଆ ସ୍କୁଲ। ସ୍କୁଲ ଭିତରେ ଛାତ୍ରଛାତ୍ରୀ ଯେତେ ତା'ଠୁ ଅଧିକ ଗାଁ ଲୋକ। ଆଖପାଖର ପାଞ୍ଚଖଣ୍ଡ ଗାଁ ଲୋକ ଏକାଠି ହେଇଚନ୍ତି। ମାଷ୍ଟ୍ରେ କହିଲେ, "ଏଇ ଗାଁକୁ ଆସି ଶିକ୍ଷକତା କରିବା ପରେ ମୁଁ ଯଦି ତୁମ ମାନଙ୍କୁ ଉଚିତ ଶିକ୍ଷା ଦେଇଥାଇ ପାରେ ତେବେ ମୋର କର୍ତ୍ତବ୍ୟକୁ ଧନ୍ୟବାଦ ଦେବି, ଆଉ ଆଶା କରିବି ମୋ ଜୀବନଥିବା ଯାଏଁ ତୁମପରି ଭଲ ଛାତ୍ରଛାତ୍ରୀ ଗଠନରେ ସହାୟକ ହେବି। ଏଇ ଗାଁରେ ମୋର ଜୀବନର ଦଶବର୍ଷ ବିତିଯାଇଛି। ଆସିବାବେଳେ ଏକାଥିଲି, ଏଇଠି ଥାଇ ବିବାହ କଲି, ଦୁଇଟି ସୁସନ୍ତାନ ପାଇଛି। ସେମାନଙ୍କଠୁ ବଳି ଅଧିକ ଏଇ ଗାଁରେ ମୁଁ ଅନେକ ସୁଛାତ୍ରଛାତ୍ରୀ ପାଇ ନିଜକୁ ଗର୍ବିତ ମନେ କରୁଛି।"

ମାଷ୍ଟ୍ରଙ୍କ ଉଦ୍ଦେଶ୍ୟରେ କିଏ କିଏ ଟିକେ ନିଖେ ଭାଷଣ ଦେଲେ। କିଛି ପିଲାଏ ଇଂରେଜୀରେ ବିଦାୟ ସମ୍ବର୍ଦ୍ଧନା ଦେଇ ମାଷ୍ଟ୍ରଙ୍କ ଗଭୀର ପ୍ରଚେଷ୍ଟାକୁ ଫଳବତୀ କରାଇଥିଲେ। ଗାଁ କୋଠଘର


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ତରଫରୁ ମାଷ୍ଟ୍ରଙ୍କୁ ଗୋଟିଏ ପାଟମଠା, ସାଇକେଲ, ଆଉ ହାତଘଣ୍ଟା ଉପହାର ଦିଆଯାଇଥିଲା। ମାଷ୍ଟ୍ରେ ରବିବାର ସକାଳୁ ସକାଳୁ ବାହାରିବେ ବୋଲି ଜାଣି ମିନିଟ୍ରକଟେ ଯୋଗାଡ କରିଦେଇଥିଲେ ଗାଁ ପିଲେ, ସାଥିରେ କେହି କେହି ଯାଇଥିଲେ ମାଷ୍ଟ୍ରଙ୍କୁ ଛାଡିବା ପାଇଁ, ତାଙ୍କ ଜିନିଷପତ୍ର ଓହ୍ଲାଇବା ପାଇଁ। ଝିଅଟେ ବାହା ହେଇଗଲେ ଯେତେ ଲୋକ କାନ୍ଦନ୍ତି ନାହିଁ, ମାଷ୍ଟ୍ରେ ଗଲାବେଳେ ସେତିକି ଲୋକର ଆଖିରୁ ଲୁହ ଝରୁଥିବାର ଦେଖାଯାଇଥିଲା।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଅଦ୍ୱିତୀୟା





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଆଇଙ୍କ ଢଗ ପେଡ଼ି

ଯୁଗ ଯୁଗରୁ ଓଡିଆ ଭାଷାରେ ପ୍ରଚଳିତ ଢଗଢମାଳି ଆମକୁ ଅମୋଦିତ କରି ଆସିଛି, ଯୁଗ ବଦଳିବା ସହିତ ଆମେ ସେହି ସବୁ ଢଗଢମାଳିକୁ ପାଶୋରି ଗଲେଣି । ପୁଣିଥରେ ଆପଣଙ୍କ ସୁପ୍ତମନର କେଉଁ କୋଣରେ ଲୁଚି ରହିଥିବା ସେହି ସବୁ ଢଗଢମାଳିକୁ ଆମେ ଉପସ୍ଥାପନା କରିବାର ପ୍ରୟାସ କରୁଛୁ । ଆଶା କରୁଛୁ ଆପଣ ମାନେ ଏହାକୁ ପଢି ଆନନ୍ଦିତ ହେବେ, ଏବଂ ଏହି ସବୁ ଢଗଢମାଳିର ଉତତର ଆମେ ଦେଇନାହୁଁ, କାରଣ ଏହାର ଉତତର ଦେବେ ଆପଣମାନେ;...

ଏହି ସବୁ ଢଗର ଉତତର ଆଗାମୀ ସଂସ୍କରଣରେ ସ୍ଥାନ ପାଇବ । କିନ୍ତୁ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉତତର ଏବଂ ସଠିକ୍ ଉତତରଦାତା ବା ଦାତ୍ରୀଙ୍କୁ ଆହ୍ୱାନ ପରିବାର ତରଫରୁ ସମ୍ମାନିତ କରାଯିବ । ଆପଣ ନିଜ ଉତତର ଆମ ଇ-ମେଲ୍ ଠିକଣାରେ ଦେଇ ପାରିବେ - aahwaan@gmail.com

ପ୍ରଥମ ଢଗ -

ଟିକିରି ବଣକୁ ଯାଇଥିଲି, ଟିକି ଟିକି କ । କୁଦିଥିଲି
ଫୁକୁରୁ ଫୁକୁରୁ ଡେଉଁଥିଲି ।।

ଦ୍ୱିତୀୟ ଢଗ -

ଗଛ ମହାମେରୁ ପତର ସରୁ,
ତା ପୁଅ ନାଁ ବାଙ୍କିଆ ଦାରୁ ।।

ତୃତୀୟ ଢଗ -

ଯାର ବାପା ମୋ ଶଶୁର,
ମୋର ବାପା ତା ଶଶୁର ।।

ଚତୁର୍ଥ ଢଗ -

ଆଣ୍ଠୁଏ ପାଣିରେ ଟୁବୁକି ନାଚେ,
ରଣଧାନବୋଲି ଗଉଣିଏ ପାଚେ ।।

ସଂଗ୍ରାହିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ପ୍ରଥମ ଆବେଗ

ପ୍ରିୟଙ୍କା ସେଠୀ (ପାଠିକା)

ଏ ମନ କାହିଁକି ଏତେ ପ୍ରସନ୍ନ ? କାହିଁକି ଲାଗୁଛି ଏମିତି କିଛି ହେବାକୁ ଯାଉଛି, ଯାହା ମୁଁ କେବେ କଳନା କରିନଥିଲି। ଜୀବନରେ ବହୁତ କିଛି ଏମିତି ଘଟି ଯାଇଅଛି ଯେ ଏବେ ଆଉ କିଛି ଭଲ ହେବ ଏ କଥା ଭାବି ପାରୁନି। କିନ୍ତୁ ହଠାତ୍ ଗୋଟିଏ କଲ୍ ମୋ ଜୀବନକୁ ନୂଆ ଉମଙ୍ଗ ଦେଇଦେଲା। ସେ କଲ୍ ଥିଲା ଗୋଟିଏ ଅଭୁଲା ସାଙ୍ଗର, ଯିଏ ଅଜଣା ନ ହୋଇ କରି ବି ଅତୀତରେ ହଜିଯାଇଥିଲା।

ସେ ପୁଣି ମୋ ଜୀବନକୁ ଫେରି ଆସିଛି। ଗୋଟିଏ ନୂଆ ସକାଳର ଆଭାସ ହୋଇ। ଗୋଟିଏ ମାସର ଏସ୍ଏମ୍ଏସ ପରେ ମୁଁ ତାକୁ ଚିହ୍ନି ଯାଇଥିଲି। କିନ୍ତୁ ମୋରି କଥା ତାକୁ ଖୁବ୍ ପ୍ରଭାବିତ କରିଦେଇଥିଲା। ସେ କହିଲା ଯେ, "ତୁମେ କେମିତି ଦଶବର୍ଷ ପରେ ଗୋଟିଏ ଥରରେ ମୋତେ ଚିହ୍ନି ଗଲ ?" ଏ କଥାର ଉତ୍ତର ମୋ ପାଖରେ ବି ନଥିଲା।

ଏବେ ଜଣାପଡିଲା କାହିଁକି ମନ ଏମିତି ପ୍ରସନ୍ନ ଥିଲା। ସନ୍ଧ୍ୟାବେଳେ ଛାତର ପବନ ପୁଣି କିଛି କହିଯାଉଥିଲା। ସେ କ୍ଲାସ୍ ର ନାଟକ ଆଖି ଆଗରେ ନାଚିଯାଉଥିଲା। ଯେମିତି କି ସତରେ ମୁଁ ପୁଣି ସେଇ ବର୍ଷକୁ ଫେରି ଯାଇଛି। ସପ୍ତମ ଶ୍ରେଣୀର ଇଂରେଜୀ କ୍ଲାସ ଚାଲୁଥିଲା, ମୁଁ ସକୁନ୍ତଳା ଆଉ ସେ ଦୁଷ୍ମନ୍ତ ହୋଇଥିଲୁ। ତାଙ୍କରି ଲାଇନ ଯେମିତି ଆରମ୍ଭ ହେଲା- " ହେ ପ୍ରିୟ, ମୁଁ ତୁମର, ତୁମେ ହିଁ ମୋ କଳ୍ପନାର ସେ ରୂପ ଯାହା ବିନା ମୁଁ ନିଶ୍ୱାସ ବି ନେଇ ପାରିବିନାହିଁ। ମୁଁ ରାଜପୁତ୍ର ତୁମକୁ ବଚନ ଦେଉଛି କି, ଅନ୍ତିମ ନିଶ୍ୱାସ ଯାଏଁ ମୁଁ ତୁମର ହୋଇ ରହିବି। ଯେବେ ବି ତୁମେ ମୋତେ ନ ପାଇବ, ଆଖି ବନ୍ଦ କରିଦେବ, ତୁମ ନେତ୍ର ଖୋଲିବା ପୂର୍ବରୁ ମୁଁ ତୁମ ପାଖରେ ଥିବି। ଏହା ମୋ ବଚନ ଆଉ ପ୍ରେମ କହୁଛି।"

ମୁଁ ପୁରା ମୁଗ୍ଧ ହୋଇ ପ୍ରଥମଥର ପାଇଁ ନିଶବ୍ଦ ହୋଇଯାଇଥିଲି। କମ ବୟସ ଆଉ ପ୍ରଥମ କିଛି ଏମିତି ମୋ ମନକୁ ଛୁଇଁଯାଇଥିଲା। ବୋଧ ହୁଏ ଜାଣେନି। ସେ କହିଲେ, ଏବେ ତୁମର



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

ପାଳି। ନାଟକ ଶେଷ କର। ବହୁତ ସମୟ ପରେ ମୁଁ କିଛି କହି ପାରିଥିଲି। ତାହା ପରେ ମୁଁ ବହୁତ ଚେଷ୍ଟା କରିଲି, ଯେ ତାହା ଆଖିକୁ ପୁଣି କେବେ ନ ଦେଖି, ଯିଏ ମୋତେ ଦୁର୍ବଳ କରିଦେଉଛି। ସମୟ ନିଜ ବେଗରେ ଚାଲିଯାଉଥିଲା। ଆଉ ମୁଁ ଭାବନା ଡୋରରେ ଛନ୍ଦି ହୋଇଯାଇଥିଲି।

ସ୍କୁଲରେ ରାକ୍ଷୀ ଦୁଇଦିନ ପୂର୍ବରୁ ରାକ୍ଷୀ ବାନ୍ଧିବାର ଚଳଣୀ ଥିଲା କିନ୍ତୁ ଏଇ କଥାରୁ ବୋଧ ହୁଏ ମୋ ପାଇଁ ତାଙ୍କରି ସାଥୀରେ କଥା ହେବାର ଥିଲା। ଗୋଟିଏ ଝିଅ ଆସି କହିଲା, ସେ ତାହା ସାଥୀରେ ହିଁ କଥା ହେଉଛି ଯିଏ ତାକୁ ରାକ୍ଷୀ ବାନ୍ଧି ଦେଉଛି। ମୁଁ ବି ବାଳକମନକୁ ବୋଧ କରିପାରିଲି ଯେ ଫ୍ରେଣ୍ଡସିପ୍ ବ୍ୟାଣ୍ଡ ବି ଯଦି ମୁଁ ଏଇ ଦିନଟିରେ ବାନ୍ଧିବି ତାହାର ମୂଲ୍ୟ କିଛି ରହିବା ନାହିଁ। ଏହା ଘଟିଗଲା କିନ୍ତୁ ମୋ ମନ ଆଘାତ ହୋଇଯାଇଥିଲା । ଯେମିତି ଯେମିତି ସମୟ ଚାଲିଲା ଏଇ କଥାରୁ ମନ ଦୂରେଇ ଗଲା। ୨୦୦୧ରେ ଯେତେବେଳେ ଅଷ୍ଟମ ଶ୍ରେଣୀରେ ଥିଲୁ ସେ ଏଇ ସହରକୁ ଛାଡି ଚାଲିଯାଇଥିଲା। ମୁଁ ବହୁତ କାନ୍ଦିଥିଲି। ପୁରା କ୍ଲାସ ଯେମିତି ଏ କଥାରୁ ଆଶ୍ଚର୍ଯ୍ୟ ହୋଇଗଲା। ସେ ଗଲା, ଆଉ କେବେ ନ ଆସିବା କଥା କହି। ସେ ଦିନରୁ ମୁଁ ତାଙ୍କୁ ଖୁବ୍ ମନ ପକାଇଲି ଆଉ ସବୁଦିନ ପାଇଁ ଏ କଥା ସାଥୀରେ ବାନ୍ଧି ହୋଇଗଲି।

ଏ କଥା ପୁଣି ମୋ ଜୀବନକୁ ଫେରି ଆସିଛି ମାତ୍ର ଏକ ନୂଆ ରୂପରେ। ଆଜି ସେ ବହୁତ ଆଗକୁ ବଢିଯାଇଛନ୍ତି ଗୋଟିଏ ନୂଆ ଅସ୍ତିତ୍ୱ ବା ଗୋଟିଏ ନୂଆ ଜୀବନସାଥୀକୁ ଭଲ ପାଇଛନ୍ତି, ଆଉ ମୋ ବାଳକ ମନ ଏ କଥା ମନ ପକାଇ ଗୋଟିଏ ସାଙ୍ଗ ହେବାର କର୍ତ୍ତବ୍ୟ କରି ଚାଲିଛି।

କଣ ଜୀବନ ଏତେ ବିଚିତ୍ର ଯାହା ଆମେ ମାଗୁନା ତାହା ପୁଣି ଆଖି ଆଗରେ ଆସିଯାଉଛି। ଗୋଟିଏ ନୂଆ ଅର୍ଥରେ ପହିଲି ଫଗୁଣର ଉନ୍ମାଦ ହୋଇ ସେ କିଛି କଥା ମନେ ପକାଇ ଦିଏ ସେ ପହିଲି ଆକର୍ଷଣ, ପହିଲି କର୍ତ୍ତବ୍ୟରେ ପାଲଟି ଯାଏ।

ଆପଣ ମଧ୍ୟ ନିଜ ଅନୁଭୁତି ଆମ ପତ୍ରିକାର ପାଠକ ପାଠିକା ମାନଙ୍କ ସହିତ ବା□ପାରିବେ, ଏଥିପାଇଁ ଆପଣ ନିଜ ଅନୁଭୁତିକୁ ଓଡିଆରେ ଲେଖି ଆମ ନିକଟକୁ ପଠାଇ ପାରିବେ। ଆମ ଠିକଣା ପତ୍ରିକାର ଶେଷପୃଷ୍ଠାରେ ଦିଆଯାଇଛି ।



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଆଚାରୀ ଲଙ୍କା ପକୋଡି



**ଆବଶ୍ୟକ ସାମଗ୍ରୀ** - ୮-୯ଟା ବଡ ଲଙ୍କା (ମଝିରୁ ଚିରା ହୋଇ ମଞ୍ଜି ସଫା ହୋଇଥିବା ଦରକାର), ୩ ବଡ ଚାମଚ ଆଚାର ମସଲା, ଦେଢ କପ୍ ବେସନ, ଦୁଇ ଚିମୁଟା ଖାଇବା ସୋଡା, ଏକ ଚଉଥ ଚାମଚ ଧନିଆ ଗୁଣ୍ଡ, ଏକ ଚଉଥ ଚାମଚ ଜୀରା ଗୁଣ୍ଡ, ଏକ ଚଉଥ ଚାମଚ ହଳଦୀ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ପକୋଡି ଛାଣିବା ପାଇଁ ତେଲ



**ପ୍ରସ୍ତୁତି ପ୍ରଣାଳୀ** - ବେସନରେ ସୋଡା, ଜୀରା ଗୁଣ୍ଡ, ଧନିଆ ଗୁଣ୍ଡ, ହଳଦୀ ଗୁଣ୍ଡ, ଲୁଣ ମିଶାଇ ବହଳିଆ ଘୋଳ ତିଆରି କରନ୍ତୁ । ମରିଚକୁ ଚିରାଯାଇ ସେଥିରେ ଆଚାର ମସଲା ଭର୍ତ୍ତି କରନ୍ତୁ । ଗୋଟିଏ ଗୋଟିଏ କରି ମସଲାଦିଆ ଲଙ୍କାକୁ ବେସନ ଘୋଳରେ ବୁଡାଇ ଗରମ ତେଲରେ ବାଦାମୀ ରଙ୍ଗ ହେବାଯାଏଁ ଛାଣନ୍ତୁ । ପୁଦିନା ଚଟଣୀ ଓ ସାଲାଡ୍ ସହିତ ଗରମ ଗରମ ପରଶନ୍ତୁ ।

# ପାଳଙ୍ଗ ଚୁଡା ବରା

**ଆବଶ୍ୟକ ସାମଗ୍ରୀ** - ୨ କପ୍ ଦହି, ୨ କପ୍ ପାଳଙ୍ଗ (ଛୋଟ ଛୋଟ କଟାଯାଇଥିବା), ୨ କପ୍ ଚୁଡା, ୩ଟା କ□ା ଲଙ୍କା (ଛୋଟ ଛୋଟ କଟାଯାଇଥିବା), ଗୋଟିଏ ସିଝା ଆଳୁ ଚକଟା, ଗୋଟିଏ ଛୋଟ ଅଦା (ଛୋଟ ଛୋଟ କଟାଯାଇଥିବା), ଦୁଇଟି ବଡ ଚାମଚ କଟା ଧନିଆ ପତ୍ର, ସ୍ୱାଦାନୁସାରେ ଲୁଣ ଓ ଲାଲ ଲଙ୍କା ଗୁଣ୍ଡ, ଛାଣିବା ପାଇଁ ତେଲ



**ପ୍ରସ୍ତୁତି ପ୍ରଣାଳୀ** - ଚୁଡାକୁ ଧୋଇ ସଫା କରି ଦଶ ମିନିଟ ଛାଡିଦିଅନ୍ତୁ । ପ୍ଲେଟରେ ଚୁଡାକୁ ପକାଇ, ଆଳୁ, ଅଦା, କଂଚା ଲଙ୍କା, ପାଳଙ୍ଗ, ଲୁଣ, ଲଙ୍କାଗୁଣ୍ଡ ଓ ଧନିଆ ପତ୍ର ଭଲଭାବରେ ମିଶାନ୍ତୁ । ଏହି ମିଶ୍ରଣକୁ ବରା ଆକାରରେ ଗରମ ତେଲରେ ଛାଣି ଦିଅନ୍ତୁ । ଖଟାମିଠା ତେନ୍ତୁଳି ଚଟଣୀସହ ଗରମ ଗରମ ପରଶନ୍ତୁ ।


ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଚଣାଚୁର ଗରମ



**ଆବଶ୍ୟକ ସାମଗ୍ରୀ** - ଦେଢକପ୍ ସୋଲାଚଣା ବଡୁରା, ଗୋଟିଏ ବଡ ଚାମଚ ଗରମ ମସଲା, ଗୋଟିଏ ଛୋଟ ଚାମଚ ଆମଚୁର ପାଉଡର, ଗୋଟିଏ ଛୋଟ ଚାମଚ ଲାଲ ଲଙ୍କା ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଛାଣିବା ପାଇଁ ତେଲ

**ପ୍ରସ୍ତୁତି ପ୍ରଣାଳୀ** - ଚଣାକୁ ପ୍ରେସର କୁକରରେ ସିଝାଇ ପାଣିରୁ ବାହାର କରି ଶୁଖିବାକୁ ଛାଡି ଦିଅନ୍ତୁ । (ଚଣା ଯେମିତି ସିଝି ବିଳି ନ ଯାଏ, ସେଥିପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ) ପାଣି ଶୁଖିଗଲାପରେ ବେଲଣା ବାଡିରେ ବେଲି ଚେପଟା କରିଦିଅନ୍ତୁ। କରେଇରେ ତେଲ ଗରମ କରି ଚଢା ଆଂଚରେ ସୁନେଲି ରଙ୍ଗ ହେବାଯାଏଁ ତାକୁ ଛାଣି ନିଅନ୍ତୁ । ତାହା ପରେ ସେହି ଛଣା ଚଣା ଦାନା ଉପରେ ଗରମ ମସଲା, ଲୁଣ, ଆମଚୁର ପାଉଡର, ଲାଲ ଲଙ୍କା ଗୁଣ୍ଡ ଭଲଭାବରେ ମିଶାଇ ଚଣାଚୁର ଗରମ ତିଆରି କରି ପରସନ୍ତୁ । ପରସିବା ସମୟରେ ଯଦି ଚାହିଁବେ, ତାହା ଉପରେ ଲେମ୍ବୁ ରସ କିମ୍ବା ଚଟଣୀ ଦେଇ ପାରନ୍ତି।





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ଅନୁରୋଧ





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ବିଶେଷ ସୂଚନା

ଯଦି ଆପଣ ଆମର ଏହି ପତ୍ରିକାରେ ନିଜସ୍ୱ ଲେଖା ପ୍ରକାଶିତ କରିବାକୁ ଚାହାନ୍ତି, ତେବେ ନିଜସ୍ୱ କୃତୀକୁ ଆପଣ ଆମ ଠିକଣାରେ ପଠାଇ ପାରିବେ । ହାତଲେଖା କୃତୀ ସବୁ ଧଳାକାଗଜରେ ଗୋଟିଏ ପାର୍ଶ୍ୱରେ ନିର୍ମଳ ହସ୍ତାକ୍ଷରରେ ଲେଖା ହୋଇଥିବା ଆବଶ୍ୟକ । ଆପଣଙ୍କ ଲେଖା ଆମ ଠିକଣାରେ ପଠାନ୍ତୁ - ଡା ଜ୍ୟୋତି ପ୍ରସାଦ ପଟନାୟକ, ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା, ବ୍ରହ୍ମପୁର, ୭୬୦୦୧୦, ଓଡିଶା, ଫୋନ - ୯୮୬୧୯୬୨୧୬୦, ୯୦୪୦୯୮୫୪୬୩, ୦୬୮୦-୨୪୦୪୧୭୦ । ପ୍ରତ୍ୟେକ ମାସର ତୃତୀୟ ସପ୍ତାହ ସୁଦ୍ଧା ପହଂଚିଥିବା ସମସ୍ତ ଲେଖା ଆସନ୍ତା ମାସର ଆହ୍ୱାନରେ ପ୍ରକାଶିତ ହେବ । ଲେଖା ପଠାଇବା ପୂର୍ବରୁ ଏକାର ଏକକିତା ନକଲ (ଜେରକ୍ସ କପି) ନିଜ ପାଖରେ ରଖନ୍ତୁ । ଅଣପ୍ରକାଶିତ ଲେଖା ଫେରାଇବାର ବ୍ୟବସ୍ଥା ଆମ ପାଖରେ ନାହିଁ ।

ଯଦି ଆପଣ ଚାହୁଁଥାନ୍ତି ତେବେ ନିଜ ଲେଖା କୃତୀକୁ ସ୍କାନ୍ କରାଇ ଇ-ମେଲ୍ ଦ୍ୱାରା ଆପଣ ଆମ ନିକଟକୁ ପଠାଇ ପାରିବେ । ସ୍କାନ୍ କରିବାପରେ ଫୋଟର ଆକାର ସାନ କରିବା ପାଇଁ ସ୍କାନ୍ ହୋଇଥିବା ଫୋଟକୁ ପେଂଟବ୍ରସ୍ ରେ ଖୋଲି ସେଭ୍ ଏଜ୍ କରନ୍ତୁ । ସ୍କାନ୍ ହୋଇଥିବା ଫୋଟକୁ ଆଟାଚମେଂଟ କରି ଆମନିକଟକୁ (aahwaan@gmail.com) ପଠାନ୍ତୁ

ଆପଣଙ୍କ ଲିଖିତ କୃତୀ ଯୋଗ୍ୟ ବିବେଚିତ ହେଲେ ପ୍ରକାଶିତ ହେବ ।

## ସଂପର୍କ ସୂତ୍ର

**ଡ ଜ୍ୟୋତି ପ୍ରସାଦ ପଟନାୟକ**

ଏମ୍ ବି ବି ଏସ୍, ଡି ଏମ୍ ସି ଏଚ୍, ପି ଜି ଡି ଏଚ୍ ଏମ୍

ପ୍ରତିଷ୍ଠାତା, ସଂପାଦକ, ଆହ୍ୱାନ୍

ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡିଶା

ମୋବାଇଲ୍: ୦୯୮୬୧୯୬୨୧୬୦



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ବିଜ୍ଞାପନ ସୂଚନା





ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର

# ବିଜ୍ଞାପନ ମୂଲ୍ୟସୂଚୀ

ଏହି ପତ୍ରିକାରେ ବିଜ୍ଞାପନ ଦେବାପାଇଁ ଆମ ସହିତ ଯୋଗାଯୋଗ କରନ୍ତୁ

୧. ପୁରା ପୃଷ୍ଠା - ୧୦୦୦୦ ଟଙ୍କା
୨. ଅଧା ପୃଷ୍ଠା - ୫୦୦୦ ଟଙ୍କା
୩. ଚଉଥ ପୃଷ୍ଠା - ୨୫୦୦ ଟଙ୍କା
୪. ଉପର ବ୍ୟାନର୍ - ୨୦୦୦ ଟଙ୍କା
୫. ତଳ ବ୍ୟାନର୍ - ୧୫୦୦ ଟଙ୍କା

ବିଜ୍ଞାପନଦାତା ମାନେ ନିଜସ୍ୱ ବିଜ୍ଞାପନ ନିଜେ କରି ଦେଇ ପାରିବେ କିମ୍ବା ଆମର ଡିଜାଇନ୍ ବିଭାଗ ସହ ଯୋଗାଯୋଗ କରିପାରିବେ । ବିଜ୍ଞାପନ ପାଇଁ ଦେୟ ବିଜ୍ଞାପନ ପ୍ରକାଶହେବା ପୂର୍ବରୁ ଦେବାକୁ ହେବ ।

ବିଜ୍ଞାପନ ଦେବାପାଇଁ ଯୋଗାଯୋଗ କରନ୍ତୁ ।

**advt@aahwaan.com**

Also you can post advertisement on our website www.aahwaan.com. We also undertake advertising campaigns for your business by placing your advertisements on different websites as per your requirements.

For advertisement related queries and requests please send us a mail at advt@aahwaan.com and or aahwaan@gmail.com

For round the clock support you may make a call to 90409 85463 / 97783 44614. Our executives will guide you to make your advertisements.

**Sponsor Link : -**

**http://www.imcrew.com/?r=30698**

**10 $ for Joining Now and 2 $ for referring someone.**



ପତ୍ରିକା ପ୍ରକାଶିକା - ଶ୍ରୀମତି ପ୍ରୀତି ପ୍ରିୟଦର୍ଶିନୀ ମହାପାତ୍ର